# ପୋଲ ଉପରୁ ମିଳିଲା ମୃତଦେହ

ଧୂଷୁରୀ/ଅସୁରାଳି,୧୮।୧(ଦୀପ୍ତି ରଞ୍ଜନ ନାୟକ/ସନ୍ତୋଷ ପ୍ରଧାନ)

ଧାମନଗର ବ୍ଲକ ଧୂଷୁରୀ ଥାନା ଅଧୀନ ସୂର୍ଯ୍ୟପୁର ଗ୍ରାମର ବଗଲା ନାଳ ପୋଲ ଉପରୁ ଶନିବାର ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିଛି। ମୃତକ ହରିହଂସ ଗ୍ରାମର ରବୀନ୍ଦ୍ର କର(୫୫) ବୋଲି ଚିହ୍ନଟ କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଧୂଷୁରୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪/୨୫) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଉକ୍ତ ସେତୁ ଉପରେ ମୃତଦେହ ପଡ଼ିଥିବା ଜଣେ ଚାଷୀ ଦେଖିବାକୁ ପାଇଥିଲେ। ସେ ତୁରନ୍ତ ଆସି ଗ୍ରାମରେ ଜଣାଇଥିଲେ ଓ ପୋଲିସକୁ ଖବର ଦେଇଥିଲେ। ଧୂଷୁରୀ ଥାନା ଅଧିକାରୀ ଶାନ୍ତନୁ ଜେନା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ତେବେ ରବୀନ୍ଦ୍ର ତିନିଦିନ ହେଲା ଘରୁ ବଜାରକୁ ଆସି ଆଉ ଫେରି ନ ଥିଲେ ବୋଲି ଜଣାପଡ଼ିଛି।

# କଟ୍‌ନି ଛଟ୍‌ନିକୁ ସରକାରଙ୍କ ନା, ମଙ୍ଗୁ ନାହାନ୍ତି ମିଲର

## ଚାଷୀ ହନ୍ତସନ୍ତ, ବେପାରୀ ମାଲାମାଲ

ବାସୁଦେବପୁର,୧୮।୧(ନାରାୟଣ ପ୍ରସାଦ ବାରିକ୍)

ସରକାରୀ ଭାବେ ଧାନର କଟ୍‌ନି ଛଟ୍‌ନିକୁ ବନ୍ଦ କରାଯାଇଥିବା ବେଳେ ମିଲରମାନେ ବିଭିନ୍ନ ଆଳ ଦେଖାଇ ମଣ୍ଡିରୁ ଧାନ କ୍ରୟ କରୁନାହାନ୍ତି। ଏଫ୍‌ଏକ୍ୟୁ ମାନର ଆସୁ ନ ଥିବାରୁ ମିଲରମାନେ ଧାନ ଉଠାଇବାକୁ ଅମଙ୍ଗ ହେଉଛନ୍ତି। ଏହାର ସୁଯୋଗ ନେଇ ଚୋରାରେ କେତେକ ବେପାରୀ ଚାଷୀଙ୍କଠାରୁ ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ଦରରେ ଧାନ କିଣି ତାହାକୁ ଅଧିକ ଦରରେ ରାଜ୍ୟ ବାହାରକୁ ପଠାଇ ମାଲାମାଲ ହେଉଛନ୍ତି। ହେଲେ ଚାଷୀମାନେ ଆର୍ଥିକ କ୍ଷତିରେ ପଡୁଛନ୍ତି। ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ ଧାନର ଅଭାବୀ ବିକ୍ରି ସମସ୍ୟା ଚାଷୀଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି।

ଏହି ବ୍ଲକରେ ବାତ୍ୟା 'ଦାନା' ଦ୍ୱାରା ଧାନ ଚାଷ ପ୍ରଭାବିତ ହୋଇଥିଲା। ଏହା ସତ୍ତ୍ୱେ ଅମଳ କରିଥିବା ଧାନ ସରକାରୀ ଦରରେ ବିକି ନ ପାରି ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ବିଭିନ୍ନ ସେବା ସମବାୟ ସମିତିରେ ମଣ୍ଡିରେ ଧାନ ପଡ଼ି ରହୁଥିବାରୁ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି କଟ୍‌ନି ଛଟ୍‌ନି ବନ୍ଦକୁ ମିଲରମାନେ ଫୁ କରୁଥିବା ବେଳେ ସମିତିଗୁଡ଼ିକରୁ ଧାନକିଣା ହୋଇପାରୁ ନାହିଁ। ବାସୁଦେବପୁର ଅଞ୍ଚଳର ୩ ମିଲର ଧାନ ଉଠାଣ ପାଇଁ ୨୨ଟି ସମବାୟ ସମିତି ଓ ୭ଟି ଏସ୍‌ଏଚ୍‌ଜି ସହ ଅନୁବନ୍ଧିତ ଥିବାବେଳେ କଟ୍‌ନି ଛଟ୍‌ନିକୁ ନେଇ ବାଦାନୁବାଦ ସହ ଏନେଇ କୌଣସି ସ୍ପଷ୍ଟ ନିଷ୍ପତ୍ତି ହୋଇପାରୁ ନାହିଁ। ଫଳରେ ଧାନ ଉଠାଣ ବହୁ ବିଳମ୍ବ ଘଟୁଛି। ଏକ ଅସମର୍ଥିତ ସୂତ୍ର ଅନୁସାରେ ଚାଷୀଙ୍କଠାରୁ ମିଲରମାନେ ମଣ୍ଡି ମାଧ୍ୟମରେ ୭ରୁ ୧୦ ପ୍ରତିଶତ କଟ୍‌ନି ଛଟ୍‌ନି କରୁଛନ୍ତି। କେତେକ ସ୍ଥାନରେ ଧାନକ୍ରୟ ଦିନେ ଦୁଇଦିନ ମଧ୍ୟରେ ଆରମ୍ଭ ହୋଇଥିବା ଜଣାପଡ଼ିଛି। ଶନିବାର ଖରିଦା ବିନାୟକପୁର ସମିତିରେ ମଣ୍ଡିରେ ଧାନକ୍ରୟ ଆରମ୍ଭ ହୋଇଥିବା ବେଳେ କଟ୍‌ନି ଛଟ୍‌ନି କରାଯାଇଥିବା ଅଭିଯୋଗ କରି କେତେଜଣ ଚାଷୀ କେତେ ପ୍ରତିଶତ ଧାନ କଟ୍‌ନୀ କରାଗଲା ବୋଲି ଜାଣିବାକୁ ଚାହିଁଥିଲେ। ଏ ଦିଗରେ ଧାନକ୍ରୟ କମିଟି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଧାନ କିଣା ଅଟକିଛି। ବାସୁଦେବପୁର ବ୍ଲକ ଓ ପୌରପାଳିକାର ଧାର୍ଯ୍ୟ ଧାନକ୍ରୟ ୧,୮୧,୮୫୧ କୁଇଣ୍ଟାଲ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୨୨ ସମବାୟ ସମିତି ଓ ୭ ଏସ୍‌ଏଚ୍‌ଜି ମାଧ୍ୟମରେ ୭୭୭୬ କୁଇଣ୍ଟାଲ ସରକାରୀ ଭାବେ କିଣା ହୋଇଥିବା ଯୋଗାଣ ଅଧିକାରୀ ମଧୁସ୍ମିତା ସେନାପତି କହିଛନ୍ତି। ଧାର୍ଯ୍ୟ ମୂଲ୍ୟରେ ସମସ୍ତ ମଣ୍ଡି ଓ ୭ଟି ଏସ୍‌ଏଚ୍‌ଜି ମାଧ୍ୟମରେ ଧାନକ୍ରୟ ଆରମ୍ଭ ହୋଇଛି ବୋଲି ସେ କହିଥିଲେ। ଏ ସମ୍ପର୍କରେ ବିଡିଓ ସଞ୍ଜୀବ କୁମାର ସାହୁଙ୍କୁ ପଚାରିବାରୁ ଧାନକ୍ରୟ ପାଇଁ ସରକାର ଯେଉଁ ମାନଦଣ୍ଡ ଦେଇଛନ୍ତି ସେହି ଆଧାରରେ କିଣାଯିବ ବୋଲି କହିଛନ୍ତି। ବିଧାୟକ ଅଶୋକ କୁମାର ଦାସ କହିଛନ୍ତି, ଚାଷୀଙ୍କ ଧାନ ବିକ୍ରି ଏବେ ପ୍ରମୁଖ ସମସ୍ୟା ପାଲଟିଛି। ଧାର୍ଯ୍ୟ ଦରରେ ଚାଷୀ ଧାନ ବିକ୍ରି କରିପାରୁ ନାହାନ୍ତି। ମିଲରମାନେ ବିଭିନ୍ନ ଆଳ ଦେଖାଇ ଏପରି ସମସ୍ୟା ସୃଷ୍ଟି କରୁଛନ୍ତି। ଏ ଦିଗରେ ସରକାର ଓ ପ୍ରଶାସନ ଦୃଷ୍ଟି ଦିଅନ୍ତୁ ବୋଲି ସେ କହିଛନ୍ତି।

# 'ଶିକ୍ଷା ଅବକ୍ଷୟମୁଖୀ ସମାଜର ମାର୍ଗଦର୍ଶକ ହୋଇପାରିବ'



ବିଦ୍ୟାମନ୍ଦିର ବାର୍ଷିକୋତ୍ସବରେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ତିହିଡ଼ି,୧୮।୧(ସଞ୍ଜିତ ବଳ)

ଶୈଶବ ହିଁ ଜ୍ଞାନ ଆହରଣର ପ୍ରକୃଷ୍ଟ ସମୟ ହୋଇଥାଏ। ସେହି ସମୟରେ ଶିଶୁମାନଙ୍କ ଭିତରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିକ୍ଷା ଓ ସଂସ୍କୃତିର ମୂଳଦୁଆ ପକାଇଥାଏ। ଶିକ୍ଷା ହିଁ ଅବକ୍ଷୟମୁଖୀ ସମାଜର ମାର୍ଗଦର୍ଶକ ହୋଇପାରିବ ବୋଲି ତିହିଡ଼ି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ତମ ବାର୍ଷିକୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶିଶୁମନ୍ଦିର ପରିଚାଳନା କମିଟି ସଭାପତି ନିଶାକର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ମୁଖ୍ୟଅତିଥି ଭାବେ ଏଏସ୍‌ପି ଅଂଶୁମାନ ଦ୍ୱିବେଦୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ବାଲେଶ୍ୱର ଜିଲା ସହପ୍ରମୁଖ ଶ୍ରୀନିବାସ ପ୍ରଧାନ, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ସରୋଜ କୁମାର ଓଝା ଏବଂ ଅଜୟ କୁମାର ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷକ ଗୋପାଳ ଚନ୍ଦ୍ର ମହାନ୍ତିଙ୍କ ସମ୍ପାଦିତ ପ୍ରାଚୀର ପତ୍ରକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ଶିଶୁମନ୍ଦିର ଶୁଭେଚ୍ଛୁ ମନୋଜ କୁମାର ଗୁଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ରାଧାକୃଷ୍ଣ ସ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ କୃପାସିନ୍ଧୁ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ମନୋଜ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ ଏବଂ ସହସମ୍ପାଦକ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧାଂଶୁ ନାୟକଙ୍କ ପରିଚାଳନାରେ ଶିଶୁମନ୍ଦିରର ଛାତ୍ରୀଛାତ୍ର ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ଶିଶୁମନ୍ଦିରର ଗୁରୁମା ଓ ଗୁରୁଜୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବନ୍ଧନାୟକାଣୀ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

ତିହିଡ଼ି,୧୮।୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକର ବୋଡ଼କ ପଞ୍ଚାୟତ ଅଣ୍ଡରାଇ ଗ୍ରାମରେ ମା' ବନ୍ଧନାୟକାଣୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଗୁରୁବାର ଶେଷ ହୋଇଛି। ମକର ସଂକ୍ରାନ୍ତିଠାରୁ ଏହି ଉତ୍ସବ ଆରମ୍ଭ ହୋଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ଯଜ୍ଞରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରଥମ ଆହୁତି ଦେଇ ଶୁଭାରମ୍ଭ କରିଥିଲେ। ସୂର୍ଯ୍ୟପୂଜା, ଅଙ୍କୁରାରୋପଣ ପରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରଦିନ ମନ୍ଦିର ପ୍ରତିଷ୍ଠା ପରେ ମା' ବନ୍ଧ ନାୟକାଣୀଙ୍କ ଯଥାବିଧି ପୂଜାର୍ଚ୍ଚନା କରାଯାଇ ନୂତନ ମନ୍ଦିରରେ ବିଗ୍ରହ ସ୍ଥାପନା କରାଯାଇଥିଲା। ଗୁରୁବାର ଚଣ୍ଡୀପାଠ ପରେ ଯଜ୍ଞରେ ପୂର୍ଣ୍ଣାହୂତି ପର୍ବ ଅନୁଷ୍ଠିତ ହୋଇଥିଲା। ୩ ଦିନ ଧରି ଚାଲିଥିବା ଏହି ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। କର୍ତ୍ତା ଭାବେ ବୀରେନ୍ଦ୍ର ମଲିକ, ଗଦାଧର ମଲିକ, ଶ୍ରୀକାନ୍ତ ମଲିକ, ପଞ୍ଚାନନ ଜେନା, ରମେଶ ମଲିକ ଓ ଇନ୍ଦ୍ରମଣୀ ମଲିକ ଦାୟିତ୍ୱ ତୁଲାଇଥିଲେ। ମନ୍ଦିର କମିଟି ସଭାପତି ରାମଚନ୍ଦ୍ର ମହାଲିକ, ସମ୍ପାଦକ ଅଭୟ କୁମାର ମଲିକ, କର୍ମକର୍ତ୍ତା ରଞ୍ଜନ ମଲିକ, ପରମେଶ୍ୱର ମଲିକ, କରୁଣାକର ମଲିକ, ଶଶିକାନ୍ତ ଜେନା, ନଟବର ଜେନା, ଜଗନ୍ନାଥ ମଲିକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ୧୫୦ ବସ୍ତା ଧାନ ଜାଳିଦେଲେ ଦୁର୍ବୃତ୍ତ



ଜଳିଯାଇଥିବା ଧାନ ଦେଖି ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି।

ଭଣ୍ଡାରିପୋଖରୀ,୧୮।୧(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ରଣଜିତ ଗ୍ରାମର ପ୍ରଦୀପ କୁମାର ଜେନାଙ୍କ ୧୫୦ ବସ୍ତା ପ୍ରାୟ ୮୦ କୁଇଣ୍ଟାଲ ଅମଳ ଧାନକୁ ଦୁର୍ବୃତ୍ତମାନେ ଶୁକ୍ରବାର ରାତିରେ ଜାଳି ଦେଇଛନ୍ତି। ଏନେଇ ପ୍ରଦୀପ ଶନିବାର ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଛନ୍ତି। ପ୍ରଦୀପଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଘର ନିକଟ ଖଳାରେ ୧୫୦ଟି ଖୋଟ ଅଖାରେ ଧାନ ଭର୍ତ୍ତି କରି ବିକ୍ରି ପାଇଁ ରଖାଯାଇଥିଲା। ଧାନବସ୍ତା ଉପରେ ଜରିପାଲ ଘୋଡ଼ା ଯାଇଥିଲା। ରାତିରେ ପରିବାର ଲୋକେ ଶୌଚ ପାଇଁ ବାହାରକୁ ଉଠିଥିବା ବେଳେ ଧାନବସ୍ତା ହୁତୁହୁତୁ ହୋଇ ଜଳୁଥିବା ଦେଖିଥିଲେ। ସେମାନଙ୍କ ଚିତ୍କାର ଶୁଣି ପଡ଼ୋଶୀ ମିଳିମିଶି ନିଆଁକୁ ଆୟତ୍ତ କରିଥିଲେ। ପୋଡ଼ା ଧାନରୁ ଡିଜେଲ ଗନ୍ଧ ବାହାରୁଥିବା ଜଣାପଡ଼ିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୨୩/୨୫) ରୁଜୁ କରାଯାଇଛି। ସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରକାଶଥାଉ କି, ଆସନ୍ତା ଫେବୃଆରୀ ୪ରେ ସରକାରୀ ମଣ୍ଡିରେ ଧାନ ବିକ୍ରି ପାଇଁ ତାଙ୍କର ଟୋକନ ମଧ୍ୟ ଆସିଥିଲା।

# ମୁନ୍‌ଲାଇଟ କ୍ଲବ୍ ବିଜୟୀ



ଅତିଥିଙ୍କ ସହ ବିଜେତା ଟିମ୍।

## ପଞ୍ଚାୟତ ଟି-୧୦ କ୍ରିକେଟ ଟୁର୍ନାମେଣ୍ଟ

ବନ୍ତ,୧୮।୧(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକର ପଧାନପଡ଼ା ପଞ୍ଚାୟତ ଚଣ୍ଡିପୁର କ୍ରିକେଟ ଗ୍ରାଉଣ୍ଡରେ ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ପଞ୍ଚାୟତ ଟି-୧୦ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୬ ଟିମ୍ ଭାଗ ନେଇଥିଲେ। ୟୁନାଇଟେଡ ଚଣ୍ଡିପୁର, ଚନ୍ଦନେଶ୍ୱର କ୍ରିକେଟ କ୍ଲବ, ମୁନ୍‌ଲାଇଟ୍ କ୍ରିକେଟ କ୍ଲବ୍, ୟୁନିୟନ ସ୍ପୋର୍ଟିଂ ଚଣ୍ଡିପୁର, ଆଜାଦ୍ କ୍ଲବ, ସଡନ୍ ଆଟାକ୍ କ୍ରିକେଟ କ୍ଲବ ଆଦି ରହିଥିଲା। ୟୁନାଇଟେଡ୍ ଚଣ୍ଡିପୁର ଏବଂ ଚନ୍ଦନେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ସଡନ୍ ଆଟାକ କ୍ରିକେଟ କ୍ଲବ୍‌କୁ ହରାଇ ମୁନ୍‌ଲାଇଟ କ୍ଲବ୍ ବିଜୟୀ ହୋଇଛି।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ସେକ୍ ୟାକତ୍ ଅଲ୍ଲୀ, ସାମାଜିକ କର୍ମୀ ବାବାଜୀ ଚରଣ ଜେନା, କେନ୍ଦୁଆପଦା ମହାବିଦ୍ୟାଳୟର ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ ଓ ସିପିଆଇ ଜୋନ୍ ସମ୍ପାଦକ ରମେଶ ଜେନା ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଚାମ୍ପିୟନ ଟ୍ରଫି, ରନର୍ସଅପ୍ ଟ୍ରଫି, ମ୍ୟାନ୍ ଅଫ୍ ଦି ସିରିଜ୍ ଓ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସମିତିସଭ୍ୟଙ୍କ ପ୍ରତିନିଧି ଦୁଲ୍ଲା ଖାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ସୟଦ୍ ସକିଲ, ଶେଖ୍ ରିୟାଜ୍, ଅବଦୁଲ ରହିମ୍, ଆକ୍ରମ୍ ଖାଁ ପ୍ରମୁଖ ସହଯୋଗ କରିଥିଲେ।

# ଇସ୍‌ଲାହେ ମୁଆଶ୍‌ରା କନ୍‌ଫରେନ୍ସ



ମଦ୍ରାସା ଫୈଯାନେ ଗରୀବ ନୱାଜଠାରେ ଅନୁଷ୍ଠିତ ଧର୍ମସଭା।

ଭଦ୍ରକ,୧୮।୧(ସନାତନ ରାଉତ)

ଭଦ୍ରକ ପୌରପାଳିକାର କଣ୍ଟାବଣିଆ ଗ୍ରାମସ୍ଥିତ ମଦ୍ରାସା ଫୈଯାନେ ଗରୀବ ନୱାଜଠାରେ ଫୈଯେ ରଯା ଏଜୁକେଶନାଲ ଆଣ୍ଡ୍ ୱେଲଫେୟାର ଟ୍ରଷ୍ଟ ଆନୁକୂଲ୍ୟରେ 'ଇସ୍‌ଲାହେ ମୁଆଶ୍‌ରା କନ୍‌ଫରେନ୍ସ' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ହାଫିଜ ଓ କାରୀ ଗୌଲାମଗୌଷଙ୍କ କୋରାନ ପାଠ ପରେ ଟ୍ରଷ୍ଟର ସଭାପତି ଶେଖ୍ ଗୋଲାମ ମହମ୍ମଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ହଜରତ ଅଲ୍ଲାମା, ଅନ୍ୟତମ ଅତିଥି ଭାବେ ମୁମ୍ବାଇରୁ ଆସିଥିବା ମୌଲାନା ମହମ୍ମଦ ଶାକିର ନୁରୀ, ମୌଲାନା ଅବଦୁଲ ଅଜିଜ ପ୍ରମୁଖ ଯୋଗଦେଇ ନୀତିବାଣୀ ପ୍ରଦାନ କରିଥିଲେ। ସଦସ୍ୟ ଶେଖ୍ ଅବଦୁଲ ବାରୀ ସଞ୍ଚାଳନ କରିଥିଲେ। ଏହି ଅବସରରେ ପୂର୍ବରୁ ମଦ୍ରାସାରେ ଅନୁଷ୍ଠିତ ପରୀକ୍ଷାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମଦ୍ରାସା ଫୈଯାନେ ଗରୀବ୍ ନୱାଜର ଉପସଭାପତି ଶେଖ୍ ମୋଇନୁଦ୍ଦିନ, ସମ୍ପାଦକ ଶେଖ୍ ସାହିଦ ରଫିକ, ସହ ସମ୍ପାଦକ ମହମ୍ମଦ ଅବଦୁଲ ରହିମ, କୋଷାଧ୍ୟକ୍ଷ ଅବଦୁଲ ଆବିଦ ଖାନ୍‌ଙ୍କ ସହ ସାହାଜାନ ଖାନ, ଶେଖ୍ ଆଶିକ, ଇସ୍ତାକ ଖାନ, ଶେଖ୍ ଇଜାଜ ଅହେମଦ, ଶେଖ୍ ଅହେସାନ, ଶେଖ୍ ସଲାଉଦ୍ଦିନ, ସେକ ଫକରେ ଆଲମ, କମରୁଦ୍ଦିନ ଖାନ ପ୍ରମୁଖ ଧର୍ମସଭାକୁ ପରିଚାଳନା କରିଥିଲେ। ଗାଁର ମୁରବୀମାନେ ଉପସ୍ଥିତ ଥିଲେ।

# ବାର୍ଷିକୋତ୍ସବରେ କୃତୀ ଛାତ୍ରୀଛାତ୍ର ପୁରସ୍କୃତ

ଭଦ୍ରକ, ୧୮।୧ (ରବିନାରାୟଣ ଖିଲାର)



ଉତ୍ସବରେ ଉପସ୍ଥିତ ଅତିଥି।

ଭଦ୍ରକ ସହର ଉପକଣ୍ଠରେ ଥିବା ଗବସାହିସ୍ଥିତ ଦିଶା ବିଦ୍ୟାଳୟ ସମୂହର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରତିଷ୍ଠାତା ନିର୍ଦ୍ଦେଶକ ଶିକ୍ଷାବିତ୍ ଗୟାଧର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ଅନ୍ୟତମ ଅତିଥି ରୋଟାରୀ କ୍ଲବର ସଭାପତି ସନ୍ତୋଷ କୁମାର ନାୟକ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟସ୍ତରରେ ବାର୍ଷିକୋତ୍ସବ ଶିଶୁମାନଙ୍କ ସୃଜନଶୀଳତାର ବିକାଶ ଦିଗରେ କିପରି ସହାୟକ ହୋଇଥାଏ, ଅତିଥିମାନେ ତାହା ଆଲୋକପାତ କରିଥିଲେ। ବିଦ୍ୟାଳୟର ଉପନିର୍ଦ୍ଦେଶିକା ଅନ୍ନପୂର୍ଣ୍ଣା ପଣ୍ଡାଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ଶିକ୍ଷକ ସନ୍ତୋଷ ପୃଷ୍ଟି ଓ କାଦମ୍ବିନୀ ମହାନ୍ତିଙ୍କ ନିର୍ଦ୍ଦେଶନାରେ ନାଟକ 'ମାଧବ' ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅଧ୍ୟକ୍ଷା ସଂଗୀତା ପତି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମମିତା ମହାନ୍ତି ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଅଶୋକ ରାଉତ, ଦୀପକ ଜେନା, ଶିକ୍ଷୟିତ୍ରୀ ସୁଜାତା ଆଇଚ, କନକ ଗାୟତ୍ରୀ, ସବନମ ରୁବିନା, ସାଜିଆ ବବିନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଅଗ୍ନିବିପନ୍ନଙ୍କୁ ସହାୟତା

ତିହିଡି,୧୮।୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକର କାଁପଡ଼ା ପଞ୍ଚାୟତ ଅଧୀନ ଚିଲପଦା ଗ୍ରାମର ରତ୍ନାକର ମଲିକ ଓ ଅମୂଲ୍ୟ ମଲିକଙ୍କ ଘର ପୋଡ଼ି ଯାଇଥିଲା। ତିହିଡ଼ି ବ୍ଲକର ଉତ୍କଳମଣି ସେବାସଂଘ ଓ ସରପଞ୍ଚଙ୍କ ପକ୍ଷରୁ ଅଗ୍ନିବିପନ୍ନ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ସଙ୍ଗଠନ ପକ୍ଷରୁ ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ ସାମଗ୍ରୀ, ଘରୋଇ ଉପକରଣ, ବସ୍ତ୍ର ଓ ଆର୍ଥିକ ସହାୟତା ଦିଆଯାଇଛି। ସଭାପତି ଖଗେଶ୍ୱର ତ୍ରିପାଠୀ, ବିସ୍ମୟ ବିହାରୀ ସାହୁ, ସେକ ରବୁ ସଲିମ, ନାରାୟଣ ଜେନା, ଜ୍ୟୋତିପ୍ରକାଶ ପତି, ସୁପ୍ରଭା ମିଶ୍ର ପ୍ରମୁଖ ସହାୟତା ପ୍ରଦାନ କରିଥିଲେ। ସେହିପରି ସରପଞ୍ଚ କୁନ୍ତଳା ମଲିକ ଅଗ୍ନିବିପନ୍ନ ପରିବାରକୁ ଭେଟି ସହାୟତା ପ୍ରଦାନ କରିଛନ୍ତି।

# ବିଦ୍ୟାଳୟର ବାର୍ଷିକୋତ୍ସବ, କ୍ରୀଡ଼ା



ସଭାରେ ଉପସ୍ଥିତ ଅତିଥିମାନେ।

ଧାମନଗର/ଦୋବଲ,୧୮।୧ (ଦେବେନ୍ଦ୍ର ଆଢ଼ିଆ/ ମଦନ ମୋହନ ଦାସ)

ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ୨୫ତମ ବାର୍ଷିକୋତ୍ସବ ଓ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ କ୍ରୀଡ଼ା ଉତ୍ସବକୁ ପୂର୍ବତନ ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରା ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଶିକ୍ଷକ ଦୋଳଗୋବିନ୍ଦ ବେହେରା ପରିଚାଳନା କରିଥିଲେ। ପ୍ରଥମ ଦିନରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇ ଦ୍ୱିତୀୟ ଦିନରେ ପ୍ରତିଯୋଗିତାର ଫାଇନାଲ ହୋଇଥିଲା। ପ୍ରଧାନ ଶିକ୍ଷକ ପବିତ୍ର ମୋହନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଧାମନଗର ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସତ୍ୟସୁନ୍ଦର ପରିଡ଼ା ଯୋଗଦେଇ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଅତ୍ୟାଧୁନିକ ପଦ୍ଧତିରେ ଶିକ୍ଷାଦାନ କରିବାକୁ ପରାମର୍ଶ ଦେଇଥିଲେ। ଏହାସହ ପିଲାମାନେ ବୃତ୍ତିଗତ ଶିକ୍ଷା ଓ ବ୍ୟାବହାରିକ ଜ୍ଞାନ ଆହରଣ ପାଇଁ ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଆନନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ ଯୋଗଦେଇ ବିଦ୍ୟାଳୟ ପ୍ରତିଷ୍ଠାର ଇତିହାସ ବଖାଣିଥିଲେ। ଶିକ୍ଷକ ଶଶିଭୂଷଣ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାରେ ପୂର୍ବତନ ଶିକ୍ଷକ ବୃନ୍ଦାବନ ମହାନ୍ତି, ଖଡ଼ିପଦା ସିଆର୍‌ସିସି ଦେବବ୍ରତ ନାୟକ, ସୂର୍ଯ୍ୟକାନ୍ତ ସାହୁ, ସ୍କୁଲ କମିଟି ସଭାପତି ଶ୍ରୀକାନ୍ତ ମିଶ୍ର ଓ ଶିକ୍ଷକ ମଦନ ମୋହନ ପାଣିଗ୍ରାହୀ ଯୋଗ ଦେଇଥିଲେ। ଦୁଇଦିନ ଧରି ଚାଲିଥିବା ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ସଡ଼କ ଦୁର୍ଘଟଣାରେ ୨ ଭାଇ ଗୁରୁତର

ଭଦ୍ରକ,୧୮।୧(ସନାତନ ରାଉତ)

ଏକ ସଡ଼କ ଦୁର୍ଘଟଣାରେ ବାଲେଶ୍ୱର ଜିଲା ଅଡ଼ା ଚନ୍ଦ୍ରପଡ଼ା ଗ୍ରାମର ୨ ଭାଇ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ସେଠାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଦୁଇଭାଇ ହେଉଛନ୍ତି ଚନ୍ଦ୍ରପଡ଼ା ଗ୍ରାମର ଅଶୋକ ମହାରଣା(୩୪) ଓ ତାଙ୍କ ବଡ଼ଭାଇ ସୁଶାନ୍ତ ମହାରଣା(୪୦)। ସେମାନେ ସ୍କୁଟିରେ ଚନ୍ଦ୍ରପଡ଼ା-ଅଡ଼ା ରାସ୍ତାରେ ଆସୁଥିବା ବେଳେ ଏକ ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଧକ୍କା ଦେଇଥିବା ଗାଡ଼ିଟି ବୋଲେରୋ କିମ୍ବା ପିକଅପ୍ ଭ୍ୟାନ୍ ବୋଲି ପ୍ରତ୍ୟକ୍ଷଦର୍ଶୀ ଅନୁମାନ କରୁଛନ୍ତି। ରକ୍ତାକ୍ତ ଅବସ୍ଥାରେ ୨ ଭାଇ ରାସ୍ତାରେ ପଡ଼ିଥିବା ବେଳେ ଅଡ଼ା ଦମକଳ ବାହିନୀ ପହଞ୍ଚି ସେମାନଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ଅଶୋକଙ୍କ ବାମଗୋଡ଼ ଉପରେ ଗାଡ଼ି ମାଡ଼ିଯାଇଥିବା ବେଳେ ସୁଶାନ୍ତଙ୍କ ମୁଣ୍ଡ ଓ ଛାତିରେ ମାଡ଼ ହୋଇଛି।

# ବିନା ତଦାରଖରେ ଚାଲିଛି ବିକେବିଏମ୍ ରାସ୍ତା କାମ

- ସୁରକ୍ଷା କାନ୍ଥ ନ ଥିବା ପୁରୁଣା ପୋଲର ମରାମତି ହେଉନି
- ନିମ୍ନମାନର କାର୍ଯ୍ୟ ନେଇ ଅଭିଯୋଗ

ବନ୍ତ,୧୮।୧(ହରି ନାରାୟଣ ମହାନ୍ତି)



ବିକେବିଏମ୍ ରାସ୍ତାର ପୁରୁଣା କେନାଲ ପୋଲରେ ସୁରକ୍ଷା କାନ୍ଥ ତିଆରି କରାଯାଇ ନାହିଁ।

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ବିକେବିଏମ୍ (ବାରିକପୁର-କେନ୍ଦୁଆପଦା-ବନ୍ତ-ମହାନ୍ତିପଡ଼ା) ରାସ୍ତା ନିର୍ମାଣ କାର୍ଯ୍ୟ ବିନା ତଦାରଖରେ ଚାଲିଛି। ଏହି ରାସ୍ତାରେ ସୁରକ୍ଷା କାନ୍ଥ ନ ଥିବା ପୁରୁଣା ପୋଲକୁ ମରାମତି କରାଯାଉ ନାହିଁ। ନିର୍ମାଣ କାର୍ଯ୍ୟ ବେଳେ କୌଣସି ଅଧିକାରୀ କିମ୍ବା ଠିକାଦାର ଉପସ୍ଥିତ ରହୁ ନ ଥିବାବେଳେ ଅନଭିଜ୍ଞ ସୁପରଭାଇଜରଙ୍କ ଦ୍ୱାରା ମନମୁଖି ଭାବେ ନିମ୍ନମାନର କାର୍ଯ୍ୟ କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଭଦ୍ରକ ଜିଲା ପୂର୍ତ୍ତ ବିଭାଗ ଅଧୀନରେ ୨୦୨୪ ଜାନୁଆରୀଠାରୁ ୩୨ କି.ମି. ଦୈର୍ଘ୍ୟ ବିଶିଷ୍ଟ ବିକେବିଏମ୍ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଚାଲିଛି। ପୁରୁଣା ରାସ୍ତାର ଉଭୟ ପାର୍ଶ୍ୱକୁ ୭ ଫୁଟ୍ ଲେଖାଏ ଓସାରିଆ କରିବା ପାଇଁ ନିର୍ଦ୍ଦେଶ ରହିଛି। ମାତ୍ର ସମ୍ପୃକ୍ତ ଠିକାଦାର ମନମୁଖି ଭାବେ କେଉଁଠି କ'ଣ କାର୍ଯ୍ୟ କରୁଛନ୍ତି, ତାହା ଜାଣି ହେଉନାହିଁ। କେଉଁଠି ୫ ଫୁଟ୍ ତ କେଉଁଠି ୬ ଫୁଟ୍ ଓସାର କରାଯାଉଛି। ରାସ୍ତାପାର୍ଶ୍ୱକୁ ଓସାରିଆ କରିବା ବେଳେ ନାଳର ଗଭୀରତା ମଧ୍ୟ ଠିକ୍ ରହୁନାହିଁ। ତରବରିଆ ଭାବେ ନାଳ ଖୋଳି ଦେଇ ବାଲି ଓ ଡଷ୍ଟ ପୂରଣ କରି ଦିଆଯାଉଛି। ଏହି ରାସ୍ତାର ନିଳୋକ କୁମ୍ଭାରସାହି ଛକଠାରେ ଗୋବିନ୍ଦପୁର ଡିଷ୍ଟ୍ରିବ୍ୟୁଟର କେନାଲ ଅତିକ୍ରମ କରିଛି। ଏଠାରେ ସୁରକ୍ଷା କାନ୍ଥ ନ ଥିବା ପୁରୁଣା ପୋଲକୁ ନୂଆ କରି ତିଆରି ନ କରି ଛାଡ଼ି ଦିଆଯାଇଛି। ଏହି ସ୍ଥାନରେ ରାସ୍ତାର ଟର୍ଣ୍ଣିଂ ପଏଣ୍ଟ ଥିବାବେଳେ କେତେବେଳେ ଯେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଏହାସହ ଟର୍ଣ୍ଣିଂ ପଏଣ୍ଟକୁ ସିଧା କରିବା ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରିଆସୁଛନ୍ତି। ମାତ୍ର ତାହାକୁ ସିଧା କରାଯାଉ ନାହିଁ।

ସେହିପରି ଏହି ରାସ୍ତାର କେତେକ ବଜାର ଅଞ୍ଚଳକୁ ଓସାରିଆ କରାଯାଉ ନାହିଁ। ଫଳରେ ବଜାର ଅଞ୍ଚଳରେ ଦୁର୍ଘଟଣା ଘଟିବାର ଆଶଙ୍କା ଦେଖାଯାଇଛି। ସେଣ୍ଟତୀରା ବଜାରଠାରେ ଦୁଇଟି ପୁରୁଣା କଲଭର୍ଟ ଥିବାବେଳେ ତାହା ମାଟିରେ ପୋତି ହୋଇଯାଇଛି। ଫଳରେ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେବ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ମଧ୍ୟ ମରାମତି କରାଯାଇ ନାହିଁ। ବିଶେଷକରି ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଠିକାଦାର କିମ୍ବା କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁନାହାନ୍ତି। ଏହାର ସୁଯୋଗରେ ସୁପରଭାଇଜରଙ୍କ ଦ୍ୱାରା ମନମୁଖି ଭାବେ ନିମ୍ନମାନର କାର୍ଯ୍ୟ ହେଉଥିବା ଦେଖାଯାଇଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନାହିଁ।

# ୪୧୧୨ ପକ୍ଷୀଙ୍କ ଆଗମନ

## କେନ୍ଦୁଝର ବନଖଣ୍ଡରେ ସରିଲା ପକ୍ଷୀ ଗଣନା



କେନ୍ଦୁଝର,୧୮।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡରେ ବନ ବିଭାଗ ପକ୍ଷରୁ ପକ୍ଷୀ ଗଣନା ଶନିବାର ଶେଷ ହୋଇଛି। ପକ୍ଷୀ ଗଣନା ପାଇଁ କେନ୍ଦୁଝର ବନଖଣ୍ଡର ସଦର ରେଞ୍ଜ, ଘଟଗାଁ, ତେଲକୋଇ ଓ ଚମ୍ପୁଆ ରେଞ୍ଜ ଅଧୀନ ୨୧ ବନ୍ଧ, ପୋଖରୀ ଓ ଆଦ୍ରଭୂମି ଚିହ୍ନଟ କରାଯାଇଥିଲା। ଗଣନା କାର୍ଯ୍ୟକ୍ରମ ପାଇଁ ୪୨ଟି ଟିମ୍ ଗଠନ କରାଯାଇଥିଲା। ବନଖଣ୍ଡକୁ ସମୁଦାୟ ୪୧୧୨ ପକ୍ଷୀଙ୍କ ଆଗମନ ହୋଇଥିବା ବନଖଣ୍ଡ ଅଧିକାରୀ ଧାନରାଜ ଏଚ୍‌ଡି ସୂଚନା ଦେଇଥିଲେ।

କେନ୍ଦୁଝର ସଦର ରେଞ୍ଜ ଅଧୀନ ନଳପଙ୍ଗା ଡ୍ୟାମ, ଟିକରପଡ଼ା ଡ୍ୟାମ, ଚାନ୍ଦିନୀ ପୋଖରୀ, କୋଡ଼ିପଶା ଡ୍ୟାମ, ଜଗଦଳା ଡ୍ୟାମ, ଧୂଳିଆବେଡ଼ା ଡ୍ୟାମ, କାନଝରୀ ଜଳଭଣ୍ଡାର, ବଡ଼ଶାସନ ପୋଖରୀ ଓ ସାପୁଆ ଡ୍ୟାମ ଅଞ୍ଚଳରେ ଗଣନା କରାଯାଇଛି। ଘଟଗାଁ ରେଞ୍ଜ ଅଧୀନ କାଳିମାଟି ଜଳଭଣ୍ଡାର, ମାନପୁର ଡ୍ୟାମ, କାଣ୍ଡସର ଡ୍ୟାମ, ବଡଘାଗରା ଜଳଭଣ୍ଡାର ଓ ତେଲକୋଇ ରେଞ୍ଜ ଅଧୀନ ଖଜୁରିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଦଣ୍ଡାଧାର ଡ୍ୟାମ, ଖୁଣ୍ଟାପଡ଼ା ଡ୍ୟାମ, କାକୁଡିଅମ୍ବା ଡ୍ୟାମ ଓ ସଲେଇକେନା ଡ୍ୟାମ, ଚମ୍ପୁଆ ରେଞ୍ଜ ଅଧୀନ ଯୋଡା ସେକ୍ସନର ଟାଟାଷ୍ଟିଲ ସିଲ୍ଲେ ଡ୍ୟାମ, ପାଟଣା ବନାଞ୍ଚଳର ଖିରେଇଟାଙ୍ଗିରୀ ବଡ଼ବନ୍ଧରେ ମଧ ପକ୍ଷୀଗଣନା କରାଯାଇଥିଲା। ୨୧ଟି ସ୍ଥାନ ପାଇଁ ଟିମ୍ ଗଠନ କରାଯିବା ସହ ଏଥିପାଇଁ ଗଣନାକାରୀଙ୍କୁ ସବିଶେଷ ତାଲିମ ଦିଆଯାଇଥିଲା। ପ୍ରତି ଦଳକୁ ବାଇନାକୁଲାର, କ୍ୟାମେରା, ଜିପିଏସ ସ୍କେଲ ଓ ଡିଏଚ୍‌ଏଫ୍ ଆଦି ଯନ୍ତ୍ର ବନବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ମତ୍ସ୍ୟଜୀବୀମାନଙ୍କୁ ମଧ ସଚେତନ କରାଯାଇଥିବାଲା। ପକ୍ଷୀ ଗଣନା ୩ଟି ପଦ୍ଧତିରେ କରାଯାଇଥିଲା ବୋଲି ଏସିଏଫ ଅଶୋକ କୁମାର ଦାସ ସୂଚନା ଦେଇଛନ୍ତି। ମୋଟ ୪୧୧୨ ପକ୍ଷୀ ଗଣନା କରାଯାଇଥିବା ବେଳେ ସର୍ବଶେଷ ରିପୋର୍ଟ ବନ ବିଭାଗ ପକ୍ଷରୁ ପ୍ରକାଶ କରାଯାଇନାହିଁ।

## ପାଟଣାକୁ ବିଦେଶୀ ପକ୍ଷୀଙ୍କ ଆଗମନ କମିଛି



ପାଟଣା,୧୮।୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ଶନିବାର ବନ ବିଭାଗ ପକ୍ଷରୁ ପକ୍ଷୀ ଗଣନା ଶେଷ ହୋଇଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ରେଞ୍ଜରେ ବିଦେଶୀ ପକ୍ଷୀଙ୍କ ଆଗମନ କମିଛି। ଖିରେଇଟାଙ୍ଗିରି ସେକ୍ସନ ରାଜନଗର ବିଟ୍ ରାଜନଗର ବୈତରଣୀ ନଦୀର ଚଢ଼େଇକୁଦୁର ଘାଟ ସହ ଖିରେଇଟାଙ୍ଗିରୀ ସେକ୍ସନ ଜମୁନାପଶି ବିଟ୍ ରାଜାବନ୍ଧଠାରେ ବନ ବିଭାଗର ୨ ଟିମ୍‌ର ୫ କର୍ମଚାରୀ ପକ୍ଷୀ ଗଣନା କରିଛନ୍ତି। ରାଜା ବନ୍ଧରେ ଚଳିତ ବର୍ଷ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇ ନ ଥିବା ବେଳେ ଏଠାରେ ବନ ବିଭାଗ ଦେଶୀ ବଗ ଓ ପାଣି କୁଆ ଦେଖିବାକୁ ପାଇଥିଲେ। ରାଜନଗରର ଚଢ଼େଇ କୁଦୁରକୁ ୫୧୫ ଲେଶର ହୱିଶିଲିଂ ଡକ ସମାଗମ ହୋଇଥିବା ରେଞ୍ଜର କହିଛନ୍ତି। ଗତବର୍ଷ ୧୮ଶହ ଏହି ଜାତୀୟ ପକ୍ଷୀଙ୍କ ଆଗମନ ହୋଇଥିବା ବେଳେ ଚଳିତ ବର୍ଷ ଆଗମନ କମ ରହିଛି। ବିଦେଶା ଗତ ପକ୍ଷୀଙ୍କୁ ଦେଖିବା ପାଇଁ ସକାଳେ ଓ ସନ୍ଧ୍ୟାରେ ଲୋକଙ୍କ ଭିଡ଼ ଜମୁଛି। ପିକ୍‌ନିକ୍ ଋତୁ ଚାଲିଥିବା ବେଳେ ପର୍ଯ୍ୟଟକମାନେ ପକ୍ଷୀଙ୍କ କିଚିରି ମିଚିରି କାକଳି ଶବ୍ଦ ସାଙ୍ଗକୁ ବୈତରଣୀ ନଦୀର ଘନ ଜଳ ରାଶିର ମନମୁଗ୍ଧ କର ସୌନ୍ଦର୍ଯ୍ୟକୁ ଉପଭୋଗ କରୁଛନ୍ତି। ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାରେ ଗଣନା କାର୍ଯ୍ୟରେ ବନପାଳ ପିଅନ ନାଏକ, ଗାର୍ଡ ଡଲିରାଣୀ ମହାନ୍ତ, ଲକ୍ଷ୍ମୀପ୍ରିୟା ମହାନ୍ତ, ପାରା ସ୍କାଡ ଏମ୍‌ଡି ୱାସୀମ ପ୍ରମୁଖ ସାମିଲ ହୋଇଛନ୍ତି। ପାଟଣା ରେଞ୍ଜ ପକ୍ଷରୁ ପକ୍ଷୀଙ୍କ ସୁରକ୍ଷା ପାଇଁ ବିଶେଷ ପଦକ୍ଷେପ ନିଆଯାଇଛି ବୋଲି ରେଞ୍ଜର କହିଛନ୍ତି।

## ପରିବାର ପକ୍ଷରୁ ପ୍ରେମିକ ନାମରେ ମାମଲା

### ନାବାଳିକା ଆତ୍ମହତ୍ୟା ଘଟଣା

କେନ୍ଦୁଝର,୧୮।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଟାଉନ ଥାନା ଅନ୍ତର୍ଗତ ନରଣପୁର ଗ୍ରାମର ଜଣେ ନାବାଳିକା ଗତ ୧୩ ତାରିଖରେ ଆତ୍ମହତ୍ୟା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ଆତ୍ମହତ୍ୟା ପଛରେ ନାବାଳିକାଙ୍କ ପ୍ରେମିକଙ୍କ ସମ୍ପୃକ୍ତି ଥିବା ନାବାଳିକାଙ୍କ ପିତା ଶନିବାର ଟାଉନ ଥାନାରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ନାବାଳିକା ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ପ୍ରଥମ ବର୍ଷରେ ପାଠ ପଢୁଥିଲେ। ମୃତ୍ୟୁ ସମୟରେ ଝିଅ ପ୍ରେମିକଙ୍କ ଫଟୋ ଧରି ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା। ଉକ୍ତ ଯୁବକ ନରଣପୁର ଗ୍ରାମରେ ମାମୁଙ୍କ ଘରେ ରହୁଥିଲେ। ସେ ଯୁବତୀକୁ ୨ ବର୍ଷ ହେବ ନାବାଳିକାଙ୍କୁ ଭଲ ପାଉଥିଲେ। ମୃତ୍ୟୁ ପୂର୍ବରୁ ଏକ ମୋବାଇଲ ମେସେଜ ପାଇବା ପରେ ଯୁବତୀ ବିଚଳିତ ହୋଇ ଆତ୍ମହତ୍ୟା କରିଥିବା ତାଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି। ଝିଅକୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ଆସୁଥିଲା। ଅଭିଯୁକ୍ତ ଯୁବକଙ୍କୁ ପଚାରିବାରୁ ଧମକ ଦେଇ ବାହା ହେବାର ନାହିଁ କିମ୍ବା କିଛି ଆବଶ୍ୟକତା ନାହିଁ ବୋଲି କହି ବିବାହକୁ ଏଡ଼ାଉଥିଲେ। ଝିଅକୁ ବ୍ଲାକ୍‌ମେଲିଂ କରି ଆସୁଥିଲେ। ୨ ମାସ ପୂର୍ବରୁ ସେ ନିଜ ଘର ବଡ଼ହଳ ଗ୍ରାମକୁ ଚାଲି ଯାଇଥିଲା। ପୂର୍ବରୁ ମଧ ହାତକାଟି ଉକ୍ତ ଯୁବକଙ୍କୁ ଭଲ ପାଏ ବୋଲି ଯୁବତୀ ରକ୍ତରେ ଲେଖିଥିଲେ। ଏଣୁ ମାନସିକ ଯନ୍ତ୍ରଣା ଓ ନିର୍ଯାତନା ପାଇ ଝିଅ ଆତ୍ମହତ୍ୟା କରିଥିବା ବାପା ଅଭିଯୋଗ କରିଛନ୍ତି। ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ ନିକଟରେ ନିବେଦନ କରିଛନ୍ତି।

## ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଭିଭାବକ



### ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଅଭାବ

ଚମ୍ପୁଆ,୧୮।୧(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଅଭାବ ଲାଗି ରହିଛି। ଫଳରେ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଆଗକୁ ପରୀକ୍ଷା ଥିବାରୁ ବିଭିନ୍ନ ବିଷୟରେ ପାଠପଢ଼ା ପଛରେ ପଡ଼ିଥିବାରୁ ଅଭିଭାବକ ଚିନ୍ତାବ୍ୟକ୍ତ କରିଛନ୍ତି। ଶିକ୍ଷକ ପଦ ପୂରଣ ପାଇଁ ଅଭିଭାବକ ଶନିବାର ଚମ୍ପୁଆ ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଉପ ଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ସମରେନ୍ଦ୍ର ଦାସଙ୍କୁ ତାଙ୍କ କାର୍ଯ୍ୟାଳୟଠାରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ, ୨୦୧୬ରେ ଚମ୍ପୁଆରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଥିଲା। ପ୍ରାଥମିକତା ଭିତ୍ତିରେ ୬ଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ଶିକ୍ଷାଦାନ ଆରମ୍ଭ କରାଯାଇଥିଲା। ପରେ ୨୦୨୧/୨୨ରେ ଯୁକ୍ତ୨ ପାଠ୍ୟକ୍ରମ ଆରମ୍ଭ କରାଯାଇଥିଲା। ତତ୍ ସମୟରେ ଶିକ୍ଷକ ପଦବୀ ପୂରଣ ରହିଥିବା ବେଳେ ଶିକ୍ଷାଦାନ ଠିକ୍ ଭାବରେ ଚାଲୁଥିଲା। ବର୍ତ୍ତମାନ ୮ ଜଣ ଶିକ୍ଷକରେ ଶିକ୍ଷାଦାନ କରାଯାଉଛି। ୬ଷ୍ଠରୁ ଯୁକ୍ତ୨ ପର୍ଯ୍ୟନ୍ତ ୭ ଗୋଟି ଶ୍ରେଣୀରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।

## ନବୋଦୟ ପ୍ରବେଶିକା ପରୀକ୍ଷା

ହାଟଡ଼ିହୀ/ ବଉଳା,୧୮।୧(ଶୁଭକାନ୍ତ ନାୟକ/ ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ରେ ନବୋଦୟ ବିଦ୍ୟାଳୟ ତରଫରୁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଛି। ବ୍ଲକ୍ ଅଧୀନରେ ୨ ସେଣ୍ଟରରେ ୬୩୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ସ୍ୱୀକୃତୀ ପାଇଥିଲେ। ସେଥିରୁ ହାଟଡ଼ିହୀ ଉଚ୍ଚ ବିଦ୍ୟାଳୟରେ ମୋଟ ୩୨୨ ପରୀକ୍ଷା ଦେଇଥିବା ବେଳେ ଶାଳନିଆଁ ଉଚ୍ଚ ବିଦ୍ୟାଳୟରେ ୨୮୪ଜଣ ପରୀକ୍ଷା ଦେଇଥିଲେ। ଉଭୟ ପରୀକ୍ଷା କେନ୍ଦ୍ରରେ ୩୧ ଜଣ ଅନୁପସ୍ଥିତ ଥିଲେ।

## ନଦୀରୁ ଯୁବକଙ୍କ ମୃତଦେହ ଜବତ

ଆନନ୍ଦପୁର,୧୮।୧(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଘସିପୁରା ଥାନା ଅମାରଙ୍ଗ ବୈତରଣୀ ନଦୀ ଘାଟରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ଧକୋଠା ଅମାରଙ୍ଗର ଚିନ୍ତାମଣି ପଲେଇ (୫୨)। ସେ ୩ ଦିନ ହେବ ନିଖୋଜ ଥିଲେ। ଶନିବାର ଗ୍ରାମବାସୀ ମୃତଦେହ ଭାସୁଥିବା ଦେଖିଥିଲେ। ଘସିପୁରା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ମେଡିକାଲକୁ ପଠାଇ ତଦନ୍ତ କରୁଛି।

## ଏସ୍‌ଆର ମିନ୍‌ମେଣ୍ଟ କାରଖାନା ପାଇଁ ଜନଶୁଣାଣି

କେନ୍ଦୁଝର,୧୮।୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ସଦର ତହସିଲ ଅନ୍ତର୍ଗତ ଟିକରପଡ଼ା ଏବଂ କାଦଗଡ଼ଠାରେ ମେସର୍ସ ଏସ୍‌ଆର ମିନମେଟ୍ ଲିଃର କାରଖାନା ପାଇଁ ଜନଶୁଣାଣି ଶନିବାର ମହାଦେଇଯୋଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ୧୪.୩ ଏମ୍‌ଟିପିଏ କ୍ଷମତା ବିଶିଷ୍ଟ ଆଇରନ ଓର ବେନିଫିକେସନ ପ୍ରକଳ୍ପ ସ୍ଥାପନ ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ସହମତି ପ୍ରକାଶ ପାଇଥିଲା।

ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଆହୁତ ଜନଶୁଣାଣିରେ ୪୪ ଜଣ କାରଖାନା ପ୍ରତିଷ୍ଠା ପାଇଁ ମତ ରଖିଥିଲେ। ୮୬ଜଣ ମତ ସାବ୍ୟସ୍ତ କରି କାରଖାନା ପାର୍ଶ୍ୱବର୍ତ୍ତୀ ଗ୍ରାମର ଉନ୍ନତି, ସ୍ଥାନୀୟ ଯୁବତୀ, ଯୁବକଙ୍କୁ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ। କେନ୍ଦୁଝର ଅତିରିକ୍ତ ଜିଲାପାଳ ଆଲୋକ ପ୍ରଧାନଙ୍କ ଅଧ୍ୟକ୍ଷତାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ. ପ୍ରଶାନ୍ତ କର ପ୍ରଭାବିତ ଗ୍ରାମବାସୀଙ୍କ ମତାମତ ନେଇଥିଲେ। ସଦର ତହସିଲଦାର ଶୁଭେନ୍ଦୁ ସାହୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ। ଏସ୍‌ଆର ମିନମେଟ ଲିଃର ନିର୍ଦ୍ଦେଶକ (ପ୍ରକଳ୍ପ) ପ୍ରକାଶ ଚନ୍ଦ୍ର ମହାପାତ୍ର କହିଛନ୍ତି, ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ସ୍ଥାନୀୟ ଅଞ୍ଚଳର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପାରିପାର୍ଶ୍ୱିକ ଉନ୍ନତି ପାଇଁ ଗୋଷ୍ଠିଗତ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟ ହାତକୁ ନିଆଯିବ। କାରଖାନା ନିର୍ମାଣ ସମୟରେ ୧୧୦୦ରୁ ଉର୍ଦ୍ଧ୍ୱ ଲୋକ କାମ କରିବେ, ପ୍ରତିଷ୍ଠା ହେଲେ ୪୦୦ରୁ ଅଧିକ ଲୋକ ନିଯୁକ୍ତି ପାଇବେ, ସ୍ଥାନୀୟ କର୍ମନିଯୁକ୍ତି ସୃଷ୍ଟି ସହ ଦିନକୁ ୧୫୦୦ରୁ ଅଧିକ ଟ୍ରକ୍ ଲୁହାପଥର ପରିବହନ କାର୍ଯ୍ୟରେ ନିୟୋଜିତ ହେବ। କାରଖାନାକୁ କଞ୍ଚାମାଲ ପରିବହନ ପାଇଁ ସ୍ୱତନ୍ତ୍ର ରାସ୍ତା ଜାତୀୟ ରାଜପଥ ୨୦ରୁ ସିଧାସଳଖ ଯୋଡ଼ି ହେବ ବୋଲି ସେ କହିଥିଲେ। ପ୍ରକଳ୍ପର ମୂଳଧନ ଖର୍ଚ୍ଚ ୧୯୧୮ କୋଟି ଟଙ୍କା ଏବଂ ଏହା ପରିବେଶ ଅନୁମତି ମିଳିବାର ୩୦ ମାସ ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାର ଯୋଜନା ରହିଛି। କାରଖାନା ପରିବେଶୀୟ ଅନୁକୂଳ ପ୍ଲାଣ୍ଟ ହେବ ବୋଲି ସରକାରଙ୍କ ସହ ରାଜିନାମା ହୋଇଛି। ପ୍ରକଳ୍ପ କ୍ଷେତ୍ରର ୩୩ ପ୍ରତିଶତ ଅଞ୍ଚଳରେ ସବୁଜ ବଳୟ ସୃଷ୍ଟି କରାଯିବ। କାରଖାନା ପାଚେରି ଚାରିକଡ଼େ ଚାରାରୋପଣ କରାଯିବ। ଅନ୍ୟପକ୍ଷରେ ଜନଶୁଣାଣିକୁ ବିରୋଧ କରି ସ୍ଥାନୀୟ ଲୋକ ପ୍ରତିବାଦ କରିବା ସହ ରାସ୍ତା ଅବରୋଧ କରିଥିଲେ। ଫଳରେ ଯାତାୟତ ବ୍ୟାହତ ହୋଇଥିଲା।

## ପିକ୍‌ଅପ୍ ଧକ୍କାରେ ମାମୁ-ଭାଣିଜୀ ଗୁରୁତର

ଆନନ୍ଦପୁର,୧୮।୧(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ବିରିଡିହା ଛକ ନିକଟରେ ପିକ୍‌ଅପ୍ ଧକ୍କାରେ ଶନିବାର ମାମୁ, ଭାଣିଜୀ ଗୁରୁତର ହୋଇଛନ୍ତି। ଗୁରୁତର ଦ୍ୱୟ ବିରିଡ଼ିହା ରଣାସାହି ଗ୍ରାମର ମାମୁ ରବୀନ୍ଦ୍ର ରଣା (୫୬) ଓ ତାଙ୍କ ଭାଣିଜୀ ସୋନିତା ଦାସ(୨୨)। ରବୀନ୍ଦ୍ର ବାଇକ୍‌ରେ ଭାଣେଜୀଙ୍କୁ ଧରି ବିରିଡିହା ବଜାରକୁ ଯାଇଥିଲେ। ନଦାପଟୁ ଏକ ପିକ୍‌ଅପ୍(ନଂ. ଓଡ଼ି ୨୨ ସିସି ୧୯୪୬) ଫେରୁଥିବା ବେଳେ ବିରିଡିହା ଛକରେ ବାଇକକୁ ଧକ୍କା ଦେଇଥିଲା। ମାମୁ, ଭାଣିଜୀ ଅଜବେଷ୍ଟ ଉପରକୁ ଝିଙ୍କି ପଡ଼ିଥିଲେ। ଆନନ୍ଦପୁର ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ପଠାଯାଇଛି। ସ୍ଥାନୀୟ ଲୋକେ ପିକ୍‌ଅପ୍‌କୁ ଅଟକାଇ ଆନନ୍ଦପୁର ପୋଲିସକୁ ଜିମା ଦେଇଛନ୍ତି।

## ପରିବହନ କାର୍ଯ୍ୟରୁ ବାଦ ପଡ଼ିଲା ଟ୍ରକ୍

### ସାକ୍ଷୀ ହେବା ମହଙ୍ଗା ପଡ଼ିଲା

ଯୋଡ଼ା,୧୮।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ବସନ୍ତପୁର ଅଞ୍ଚଳର କୀର୍ତ୍ତନ ମହାକୁଡ଼ ଫରେଷ୍ଟ ମାମଲାରେ ସାକ୍ଷୀ ଦେବା ମହଙ୍ଗା ପଡ଼ିଛି। ତାଙ୍କ ଟ୍ରକ୍‌କୁ ପରିବହନ କାର୍ଯ୍ୟରୁ ବନ୍ଦ କରି ଦେବା ସହିତ ହତ୍ୟା ଧମକ ଦିଆଯାଉଛି। ଏ ନେଇ କୀର୍ତ୍ତନ ଶନିବାର ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ୮ ଫେବୃଆରୀ ୨୦୨୪ରେ କୀର୍ତ୍ତନ ଛେଳି ଚରାଇବାକୁ ପିଢ଼ ପୋଖରୀ ଜଙ୍ଗଲକୁ ନେଇଥିଲେ। ଜଙ୍ଗଲରେ ସ୍ଥାନୀୟ ଅଞ୍ଚଳର ଜଣେ ପରିବହନ ଠିକାଦାର ଖଣି କମ୍ପାନୀର ବେଆଇନ ରାସ୍ତା ନିର୍ମାଣ କରୁଥିବା ଦେଖି ବନ ବିଭାଗକୁ ଜଣାଇଥିଲେ। ନିକଟରେ ଜଙ୍ଗଲ ବିଭାଗ ଅଧିକାରୀମାନେ ପହଞ୍ଚିଥିଲେ। ଜଙ୍ଗଲ କାଟି ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟବହାର ଟ୍ରେଲର, ଜେସିବି ମେସିନ, ପୋକ୍ଲେନ ଆଦି ଗାଡ଼ିକୁ କୀର୍ତ୍ତନ ମହାକୁଡଙ୍କୁ ସାକ୍ଷୀ ରଖି ବନ ବିଭାଗ ଜବତ କରିଥିଲା। ବିଭାଗୀୟ କୋର୍ଟରୁ ନୋଟିସ୍ ପରେ କୀର୍ତ୍ତନ ସାକ୍ଷୀ ଦେଇଥିଲେ। ସାକ୍ଷୀ ଦେବା ପରେ ତାଙ୍କର ଏକ ହାଇୱା ଟ୍ରକ୍‌କୁ ଅଭିଯୁକ୍ତ ଠିକାସଂସ୍ଥା ପକ୍ଷରୁ ବନ୍ଦ କରି ଦିଆଯାଇଛି। ସମ୍ପୃକ୍ତ ପରିବହନ ସଂସ୍ଥାର ମାଲିକଙ୍କ ନିର୍ଦ୍ଦେଶ କ୍ରମେ ଜୀବନରେ ମାରି ଦେବାର ଧମକ ଦିଆଯାଉଥିବା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ନ୍ୟାୟ ଓ ସୁରକ୍ଷା ପାଇଁ ପୋଲିସକୁ ନିବେଦନ କରିଛନ୍ତି। ସେହିପରି କୀର୍ତ୍ତନ ମହାକୁଡ଼ଙ୍କୁ ସାହାର୍ଯ୍ୟ କରୁଥିବା କହି ନାରାୟଣ ମହାକୁଡ ନାମକ ଜଣେ ଟ୍ରକ୍ ମାଲିକଙ୍କ ଟ୍ରକ୍‌ର ପରିବହନ କାର୍ଯ୍ୟ ମଧ ବନ୍ଦ କରି ଦିଆଯାଇଥିବା ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିବା ଜଣାପଡ଼ିଛି। ବାମେବାରି ପୋଲିସ ଅଭିଯୋଗକୁ ଆଧାର କରି ଘଟଣାର ତଦନ୍ତ ଆରମ୍ଭ କରିଥିବା କହିଛି।

## ସାନ୍ତରାପୁର ମକତବ ସ୍କୁଲର ବାର୍ଷିକ ଉତ୍ସବ




ଢେଙ୍କିକୋଟ,୧୮।୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ସାନ୍ତରାପୁର ପଞ୍ଚାୟତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ମକତବ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳନ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ପଞ୍ଚାୟତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସିଆରସିସି ଅଜୟ ପ୍ରଧାନ, ମୁଖ୍ୟ ବକ୍ତାଭାବେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସଞ୍ଜୟ ବେହେରା, ସମ୍ମାନୀୟ ଅତିଥିଭାବେ ମହମ୍ମଦ ଫରିଦ, ଦାଉଦ ଖାଁ ଓ ମକତବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସେକ୍ ଆଶ୍ରପ ଅଲ୍ଲୀ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ମିତାଞ୍ଜଳି କୁଣ୍ଡୁ, ବନଶ୍ରୀ ମହାରଣା, ନୀଳେନ୍ଦ୍ରି ବେଉରିଆ, ଶିଶିର ବେହେରା, ପ୍ରଥମ ଓଡିଶାର ମନୋଜ ଦଳେଇ, ଧରଣୀଧର ଦଣ୍ଡପାଟ ସହଯୋଗ କରିଥିଲେ।

## ସୁନା ନେଲେ, ଇମିଟେଶନ ଛାଡ଼ିଗଲେ

ଉଦଳା,୧୮।୧(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ବୃନ୍ଦାଗଡ଼ି ଗ୍ରାମର ସୁଦାମ କୁମାର ମାଝୀଙ୍କ ଘରୁ ଶୁକ୍ରବାର ସନ୍ଧ୍ୟାରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ତାଙ୍କ ଘର ତାଲା ଭାଙ୍ଗି ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଥିବା ବେଳେ ଗଡ୍‌ରେଜ୍‌ରେ ଥିବା ଇମିଟେଶନ ଅଳଙ୍କାର ଛାଡ଼ି ଚାଲି ଯାଇଛନ୍ତି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଘରେ ତାଲା ପକାଇ ସୁଦାମ କୌଣସି କାମରେ ବାହାରକୁ ଯାଇଥିଲେ। ରାତିରେ ଘରକୁ ଫେରିବା ପରେ ମୁଖ୍ୟ କବାଟ ତାଲା ସହ ଗଡ୍‌ରେଜ୍ ଭଙ୍ଗାଯାଇ ଲୁଟ ହୋଇଥିବା ଜାଣିବାକୁ ପାଇଥିଲେ। ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହିତ ୪୫ ହଜାର ଟଙ୍କା ନେଇ ଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏପରିକି ଦୁର୍ବୃତ୍ତମାନେ ଗଡରେଜରୁ ସମସ୍ତ ଅଳଙ୍କାର ବାହାରେ ଖୋଲି ଦେଖିବା ସହିତ କେବଳ ସୁନା ଜିନିଷ ଲୁଟି ନେଇଥିବା ବେଳେ ଇମିଟେଶନ ଅଳଙ୍କାର ଛାଡ଼ିଯାଇଥିବା ଜଣାପଡ଼ିଛି।

## 'ଆମ ପୁଅକୁ ମାରି ଦିଆଯାଇଛି'

### ରାଜସ୍ଥାନ କୋଟାରେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତଦେହ ଉଦ୍ଧାର ଘଟଣା

ଉଦଳା,୧୮।୧(ସନ୍ତୋଷ କୁମାର ବାଛିନୀ)

ଆମ ପୁଅ ଭଲ ପାଠ ପଢୁଥିଲା, କହିଥିଲା ଯେତେ ଖର୍ଚ୍ଚ ହେଉଛି ପଢ଼ାଅ ମୁଁ ଆଇଆଇଟିରେ ଚାକିରି କରି ସବୁ ଶୁଝିଦେବି। ହେଲେ କିଏ ଜାଣିଥିଲା ଏମିତି ହେବ ବୋଲି। ପୁଅ ଭଲ ପାଠ ପଢୁଥିଲା ବୋଲି ତାକୁ ମାରି ଦେଇଛନ୍ତି ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

ସୂଚା ଅନୁଯାୟୀ, ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଟିଟିଆ ଗ୍ରାମର କୁଶ ଗିରିଙ୍କ ପୁଅ ଅଭିଜିତ ରାଜସ୍ଥାନର କୋଟାରେ ରହି ଜେଇଇ କୋଚିଂ ନେଉଥିଲା। ହେଲେ ଦୁଇ ଦିନ ତଳେ ହଷ୍ଟେଲରେ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଖବର ପାଇଥିଲେ। ଅଭିଜିତଙ୍କ ବାପା ଏବଂ ଅନ୍ୟମାନେ ପୁଅର ମୃତଦେହ ଆଣିବାକୁ ଯାଇଥିବା ବେଳେ ଏଣେ ପରିବାର ଲୋକେ ଆଣିଛନ୍ତି ସାଙ୍ଘାତିକ ଅଭିଯୋଗ। ମୃତକ ଅଭିଜିତ ଜଣେ ମେଧାବୀ ଛାତ୍ର ଥିବା ବେଳେ ତାଙ୍କୁ ହତ୍ୟା କରି ଆତ୍ମହତ୍ୟା ବୋଲି କୁହାଯାଉଛି। ଘଟଣାର ବିଧିବଦ୍ଧ ତଦନ୍ତ ହେବା ଜରୁରୀ ବୋଲି ଅଭିଯୋଗରେ ଦର୍ଶାଯାଇଛି। କାରଣ ଅଭିଜିତ କେବଳ ପାଠ ଉପରେ ଧ୍ୟାନ ଦେଉଥିବା ବେଳେ ସେ କେବେ ଆତ୍ମହତ୍ୟା କରି ନ ପାରନ୍ତି ଏବଂ ତାଙ୍କୁ ଚାପ ଦିଆଯାଇ ହତ୍ୟା କରାଯାଇଥିବା କହିଛନ୍ତି ପରିବାର ସଦସ୍ୟ ଓ ପଡୋଶୀ। ତେଣେ ଅଭିଜିତଙ୍କ ମୃତ୍ୟୁ ଖବର ମିଳିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ମଣ୍ଟୁ ଛୁରିଆଙ୍କ ଗୀତରେ ଝୁମିଲେ ଦର୍ଶକ



ମଣ୍ଟୁ ଛୁରିଆ ଓ ଗ୍ରୁପ ସଙ୍ଗୀତ ପରିବେଷଣ କରୁଛନ୍ତି।

### ୨୫ ତମ ବଡ଼ବିଲ ମହୋତ୍ସବ

ବଡବିଲ,୧୮।୧(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲରେ ଗତ ବୁଧବାରଠାରୁ ଆରମ୍ଭ ହୋଇଥିବା ୨୫ ତମ ବଡବିଲ ମହୋତ୍ସବର ତୃତୀୟ ଦିବସରେ ମଣ୍ଟୁ ଛୁରିଆଙ୍କ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ଶୀତୁଆ ସନ୍ଧ୍ୟାରେ ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ସମ୍ବଲପୁରୀ ସଙ୍ଗୀତର ତାଳେ ତାଳେ ଦର୍ଶକମାନେ ଝୁମି ଉଠିଥିବା ଦେଖିବାକୁ ମିଳିଥିଲା।

ସୂଚନା ଅନୁଯାୟୀ, ମହୋତ୍ସବ ପାଳନର ତୃତୀୟ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକ ମଧ୍ୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ, ଚିତ୍ରକଳା, ସର୍ବସାଧାରଣଙ୍କ ନିମନ୍ତେ ମେହେନ୍ଦି, କନିଷ୍ଠ ବିଭାଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଫେନ୍ସି ଡ୍ରେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବଡବିଲ ଲିଟିଲ ମିସ-୨୦୨୫ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ରୁଦ୍ରାକ୍ଷ, ଏନ୍‌ସିବି, ଡିଆରଏକ୍ସ ଗ୍ରୁପ, ଝୁମର ଏବଂ ଶେଷରେ ମଣ୍ଟୁ ଛୁରିଆ ଓ ଗ୍ରୁପ ସଙ୍ଗୀତ ପରିବେଷଣ କରିଥିଲେ। ବଡବିଲରେ ପ୍ରବଳ ଥଣ୍ଡାର ପ୍ରକୋପରେ ମଧ ମଣ୍ଟୁ ଛୁରିଆଙ୍କ ସମ୍ବଲପୁରୀ ଗୀତର ତାଳେ ତାଳେ ଦର୍ଶକ ଝୁମିଥିଲେ। ଦର୍ଶକଙ୍କୁ ଦୀର୍ଘ ଘଣ୍ଟା ବାନ୍ଧିରଖିବାକୁ ମଣ୍ଟୁ ଛୁରିଆ ବେଶ୍ ସକ୍ଷମ ହୋଇଥିଲେ।

## ଅବସରପ୍ରାପ୍ତ ମୁଖ୍ୟ କିରାଣିଙ୍କ ବିୟୋଗ

କେନ୍ଦୁଝର,୧୮।୧(ଦୀପକ ମିଶ୍ର): ଅବସରପ୍ରାପ୍ତ ମୁଖ୍ୟ କିରାଣି ନୃସିଂହ ନାରାୟଣ ଦ୍ୱିବେଦୀ(୬୮)ଙ୍କ ଶନିବାର ଜନାର୍ଦ୍ଦନପୁର ଶାସନ ବାସଭବନରେ ହୃଦ୍‌ଘାତରେ ବିୟୋଗ ଘଟିଛି। ସେ ଜିଲା ମଙ୍ଗଳ ବିଭାଗରେ ମୁଖ୍ୟ କିରାଣି ଭାବେ କାର୍ଯ୍ୟ କରିଥିଲେ। ସେ ଜିଲାର ସୁନାମଧନ୍ୟ ଲେଖକ ଓ ରାଜ କର୍ମଚାରୀ ସ୍ୱର୍ଗତ ଗଦାଧର ଦ୍ୱିବେଦୀଙ୍କ କନିଷ୍ଠ ପୁତ୍ର ଅଟନ୍ତି। ବଡ଼ ଭାଇ ରାମନାରାୟଣ ଦ୍ୱିବେଦୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଫିସ ଅଧିକ୍ଷକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସହଧର୍ମିଣୀ, ବଡ଼ ଭାଇ ରାମ ନାରାୟଣ ଦ୍ୱିବେଦୀ, ଭଉଣୀ, ଭିଣୋଇ, ଭଣଜା, ଭାଣିଜୀ, ପୁତୁରା, ଝିଆରୀମାନେ ଉପସ୍ଥିତ ଥିଲେ। ଜନାର୍ଦ୍ଦନପୁର ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ବ୍ରଜେନ୍ଦ୍ର ଦ୍ୱିବେଦୀ ମୁଖାଗ୍ନି ଦେଇଥିଲେ।

## ଗଜସାଥୀ ଦକ୍ଷତା ବୃଦ୍ଧି ତାଲିମ ଶିବିର



ମୋରଡା,୧୮।୧(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଝିଙ୍କିରିଆ କଲ୍ୟାଣ ମଣ୍ଡପରେ ବେତନଟୀ ବନ ବିଭାଗ ତଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ହସ୍ତୀ ପରିଚାଳନା ଏବଂ ବନାଗ୍ନି ନିରାକରଣ ନିମନ୍ତେ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବେତନଟୀ ବନାଞ୍ଚଳ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଡିଏଫଓ ଏ.ଉମା ମହେଶ, ଭାଜପା ଜିଲା ସଭାପତି କାନ୍ଦ୍ରା ସୋରେନ, ଏସସିଏଫ୍ ରବି ନାରାୟଣ ମହାନ୍ତି, ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ହାତୀକୁ ସୁରକ୍ଷା ଦେବା ସହିତ ହାତୀ କବଳରୁ କିପରି ରକ୍ଷା କରି ନିଜ ନିଜର ଜୀବନ ବଞ୍ଚାଇବା ବାବଦରେ ଉପସ୍ଥିତ ଅଧିକାରୀ, ଲୋକଙ୍କୁ ସଚେତନତା କରାଇଥିଲେ ମନ୍ତ୍ରୀ ମହାପାତ୍ର। ଉକ୍ତ ଶିବିରରେ ମାଷ୍ଟର ଟ୍ରେନର ସୁବ୍ରତ କୁମାର ବିଶ୍ୱାଳ ଗଜସାଥୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଗଜସାଥୀମାନଙ୍କୁ ନୂତନ ୟୁନିଫର୍ମ, ଟର୍ଚ୍ଚ ଲାଇଟ, ଟୋପି ପ୍ରଦାନ କରାଯାଇଥିଲା। ବେତନଟୀ ରେଞ୍ଜର ମନୱାର ଖାଁ, ଫରେଷ୍ଟର ଦୀପକ ପାତ୍ର, ଫରେଷ୍ଟ ଗାର୍ଡ ବିଜୟ ଦାସ ଏବଂ ଅନ୍ୟ ବନ ବିଭାଗ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦେଶୀମଦ ଜବତ, ଜଣେ ଗିରଫ

ସୋର,୧୮।୧ (ଜନ୍ମେଜୟ ମିଶ୍ର)

ସୋର ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପୋଚ ନଷ୍ଟ କରିବା ସହିତ ଦେଶୀମଦ ଜବତ କରିଛି। ଏହି ଘଟଣାରେ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣକରା ଯାଇଛି। ସୋର ଅବକାରୀ ଥାନାଅଧିକାରୀ ସନ୍ତୋଷ ସ୍ୱାଇଁ, ନୀଳଗିରି ରେଞ୍ଜ ଅବକାରୀ ଆଇଆଇସି କେଶବ ଚନ୍ଦ୍ର ଦାସ, ନୀଳଗିରି ଅବକାରୀ ଅଧିକାରୀ ଜଗନ୍ନାଥ ବେହେରା ଏକ ଟିମ ସହ ମିଳିତ ଭାବେ ଶିଙ୍ଗାଖୁଣ୍ଟା ପଞ୍ଚାୟତ ନୂଆଗାଁ ଓ ଶିଙ୍ଗାଖୁଣ୍ଟା ଗ୍ରାମରେ ବେଆଇନ ମଦ ରନ୍ଧା କାରଖାନା ଉପରେ ଚଢ଼ାଉ କରିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଏହି ଟିମ୍ ୩୭୫୦ ଲିଟର ଗୁଡ଼ପୋଚ ନଷ୍ଟ କରି ୨୯୦ ଲିଟର ଦେଶୀମଦ ଓ ମଦ ରନ୍ଧା ସାମଗ୍ରୀ ଜବତ କରିଥିଲା। ସେହିପରି ଏହି ଟିମ୍ ଖଣ୍ଡାସାହି ଗ୍ରାମରେ ଚଢ଼ାଉ କରି ରାଜେନ୍ଦ୍ର ତରେଇଙ୍କ ନିକଟରୁ ୩୦ ଲିଟର ଦେଶୀମଦ ଜବତ କରି ତାଙ୍କୁ କୋର୍ଟ ଚାଲାଣ କରିଛି।

# କୁଲଡ଼ିହାରେ ବିଭିନ୍ନ ଜଳାଶୟରେ ପକ୍ଷୀଗଣନା

ନୀଳଗିରି, ୧୮।୧(ପ୍ରଶାନ୍ତ ବିଶ୍ୱାଳ)

ସବୁଜ ବନାନୀ ସହିତ ପ୍ରାକୃତିକ ପ୍ରାଚୁର୍ଯ୍ୟତାର ଗନ୍ତାଘର ବିସ୍ତୀର୍ଣ୍ଣ ୨୭୨.୭୫ ବର୍ଗ କି.ମି. ପରିବ୍ୟାପ୍ତ ବାଲେଶ୍ୱର ଜିଲା ନୀଳଗିରି କୁଲଡ଼ିହା ଅଭୟାରଣ୍ୟର କେତେକ ଜଳାଶୟକୁ ଶୀତଦିନେ ପ୍ରତିବର୍ଷ ବିଭିନ୍ନ ପ୍ରଜାତିର ପକ୍ଷୀ ଖାଦ୍ୟ ଅନ୍ୱେଷଣରେ ମାଇଲ୍ ମାଇଲ୍ ବାଟ ଅତିକ୍ରମ କରି ଆସିଥାନ୍ତି। ଏହି ପକ୍ଷୀମାନଙ୍କ ସୁରକ୍ଷା, ସେମାନେ କେଉଁ ପ୍ରଜାତିର ଓ ପକ୍ଷୀର ସ୍ୱରରୁ ତାଙ୍କର ଗତିବିଧିକୁ ଜାଣିବା ପାଇଁ ପ୍ରତିବର୍ଷ ପକ୍ଷୀଗଣନା କାର୍ଯ୍ୟକ୍ରମ କରାଯାଇଥାଏ।

ଚଳିତବର୍ଷ ମଧ୍ୟ ବନବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ପକ୍ଷୀଗଣନା ଆରମ୍ଭ ହୋଇଛି। ବାଲେଶ୍ୱର ଡିଏଫ୍ଓଙ୍କ ନିର୍ଦ୍ଦେଶରେ କୁଲଡ଼ିହା ରେଞ୍ଜର ସୁବ୍ରତ୍ କୁମାର ବେହେରାଙ୍କ ନେତୃତ୍ୱରେ ଅଭୟାରଣ୍ୟ ଭିତରେ ଥିବା ରିଷିଆ ଡ୍ୟାମ, ବୁଗାଳିବନ୍ଧ, ଖୁମକୁଟରେ ପକ୍ଷୀଗଣନା ପାଇଁ ୩ଟି ଟିମ୍ ଦ୍ୱାରା ଶନିବାର ପୂର୍ବାହ୍ନ ୬ଟାରୁ ପକ୍ଷୀଗଣନା ହୋଇଥିଲା। ଏଥିରେ ଭୁବନେଶ୍ୱର ଓୟୁଏଟି ଫରେଷ୍ଟ୍ରି କଲେଜ ୬ ଜଣ ଛାତ୍ରୀଛାତ୍ର ତଥା ଅସିତ ପରିଡ଼ା, ନିହାରିକା ପ୍ରଧାନ, ପ୍ରତୀକ ରଞ୍ଜିତ, ତ୍ୱସ ଗରନାୟକ, ଶ୍ରୀୟାନ କୁମାର ଗୌଡ଼, ରଶ୍ମିରଞ୍ଜନ ସ୍ୱାଇଁଙ୍କ ସହ ଫରେଷ୍ଟର ଭାଗ୍ୟଶ୍ରୀ ଦ୍ୱିବେଦୀ, ଆରତୀ ସିଂ ସହ ଫରେଷ୍ଟଗାର୍ଡ଼, ସବୁଜବାହିନୀ ପକ୍ଷୀଗଣନାରେ ସାମିଲ ହୋଇଥିଲେ। ପକ୍ଷୀଙ୍କ ଭିତରେ ବଗ, ଗେଣ୍ଡାଳିଆ, ମାଛରଙ୍କା, ସଲରୀ, କଜଳପାତି, ଲେସର ହ୍ୱିସଲ ଡକ୍ ଆଦି ୫୬ଟି ପ୍ରଜାତିର ୧୦୫୦ଟି ସମୁଦାୟ ପକ୍ଷୀ ଗଣନା ହୋଇଛି। ଖୁମଖୁଟ ୧୮୮ରେ ରିଷିଆ ୨୦୬ ବୁଗାଳୀ ବନ୍ଧ ୬୫୬ ପ୍ରଜାତିର ଦେଶୀ ପକ୍ଷୀ ଆସିଥିବା ଜଣାପଡ଼ିଛି।

ତେବେ ଅନୁରୂପ ଭାବେ ନୀଳଗିରି ବନବିଭାଗ ଅଧୀନ ପଦ୍ମତୋଳାଠାରେ ନୀଳଗିରି ରେଞ୍ଜର ଆଇଶା ଅକତାରି ନିଶାଙ୍କ ନିର୍ଦ୍ଦେଶରେ ଫରେଷ୍ଟର, ଫରେଷ୍ଟଗାର୍ଡ଼, ସବୁଜବାହିନୀକୁ ନେଇ ପକ୍ଷୀଗଣନା ହୋଇଛି।



ପକ୍ଷୀ ଗଣନା କାର୍ଯ୍ୟକ୍ରମରେ ସାମିଲ ଟିମ୍।

# ଟିପିଏନ୍ଓଡିଏଲ୍ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ



ସଚେତନତା କାର୍ଯ୍ୟକ୍ରମରେ ଟିପିଏନ୍ଓଡିଏଲ୍‌ର କର୍ମକର୍ତ୍ତା।

ବାଲେଶ୍ୱର, ୧୮।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିଏନଓଡିଏଲ) ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଚଳିତବର୍ଷର ଥିମ୍ 'ଯତ୍ନଶୀଳ ହେବା ସୁରକ୍ଷିତ ରହିବା' ସମ୍ପର୍କରେ କର୍ପୋରେଟ କାର୍ଯ୍ୟାଳୟଠାରୁ ଆରମ୍ଭ କରି ସମସ୍ତ ସର୍କଲ, ଡିଭିଜନ, ସବ୍‌ଡିଭିଜନ ଆଦି କାର୍ଯ୍ୟାଳୟସ୍ତରରେ କର୍ମଚାରୀମାନେ ସଡ଼କ ସୁରକ୍ଷା ନେଇ ସଚେତନ ହେବା ସହ ସୁରକ୍ଷା ମାର୍ଗଦର୍ଶିକା ସର୍ବଦା ଅନୁପାଳନ ପାଇଁ ଶପଥ ନେଇଥିଲେ। କେବଳ କର୍ତ୍ତବ୍ୟସ୍ଥଳ ନୁହଁ, ସର୍ବତ୍ର ସର୍ବଦା ସୁରକ୍ଷାର ଅନୁପାଳନ ନିଶ୍ଚିତ କରିବାକୁ ସେମାନେ ଦୃଢ଼ ଶପଥ ନେଇଥିଲେ। ବିଦ୍ୟାଳୟ ସ୍ତରରେ ସଚେତନତା କାର୍ଯ୍ୟକ୍ରମ, ପଥପ୍ରାନ୍ତ ନାଟକ ଆଦି ଦ୍ୱାରା ସଡ଼କ ସୁରକ୍ଷା ନେଇ ସଚେତନ କରାଯିବା ସହ ଗାଡ଼ି ଚାଳକଙ୍କ ପାଇଁ ସଡ଼କ ସୁରକ୍ଷା ସମ୍ପର୍କିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ସେହିପରି ଗାଡ଼ି ଚାଳକଙ୍କ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯିବା ସହ ବିଭିନ୍ନ କାର୍ଯ୍ୟାଳୟସ୍ତରରେ ସଚେତନତା ରାଲି ମଧ୍ୟ ଅନୁଷ୍ଠିତ ହୋଇଥିଲା।

### 'ସୁରକ୍ଷା ଆମ ମୂଲ୍ୟବୋଧର ମୂଳ ଭିତ୍ତି'

ଟିପିଏନଓଡ଼ିଏଲର ସିଇଓ ଦ୍ୱିଜଦାସ ବସାକ ସୁରକ୍ଷା ଆମର ମୂଲ୍ୟବୋଧର ମୂଳ ଭିତ୍ତି ବୋଲି କହିଥିଲେ। ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ ନିରାପତ୍ତା ଏବଂ ସଚେତନତାର ସଂସ୍କୃତି ସୃଷ୍ଟି କରିବା ତଥା କର୍ମଚାରୀ ଓ ଅଂଶୀଦାରମାନଙ୍କ କଲ୍ୟାଣକୁ ସୁନିଶ୍ଚିତ କରିବା ପାଇଁ ଟିପିଏନଓଡ଼ିଏଲ ସର୍ବଦା ପ୍ରତିବଦ୍ଧ। କେବଳ ବିଦ୍ୟୁତ୍ ସେବା ବିତରଣରେ ଉତ୍କର୍ଷତା ନୁହଁ, ଅଞ୍ଚଳର ସାମଗ୍ରିକ ବିକାଶ ଓ ସୁରକ୍ଷିତ ପରିବେଶକୁ ପ୍ରୋତ୍ସାହନ ଏହାର ମୌଳିକ ଉଦ୍ଦେଶ୍ୟ ବୋଲି ସେ କହିଥିଲେ।

## ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର




ଶିବିରାର୍ଥୀଙ୍କ ଗହଣରେ ଅତିଥିଗଣ।

ବାଲେଶ୍ୱର, ୧୮।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ଆବଶ୍ୟକତା ଓ ବିବିଧ କୌଶଳ ସମ୍ବନ୍ଧରେ ଆଲୋକପାତ କରି ନିଜ ସୁରକ୍ଷା ନିଜ ହାତରେ ବୋଲି ବକ୍ତବ୍ୟରେ କହିଥିଲେ।

ମୁଖ୍ୟବକ୍ତା ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ସରୋଜ କୁମାର ପାଣି ଯୋଗଦେଇ ସୁସ୍ଥ ଓ ସୁରକ୍ଷିତ ସମାଜ ଗଠନ ଦିଗରେ ଛାତ୍ରୀମାନଙ୍କର ଆତ୍ମରକ୍ଷା କୌଶଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଶମ୍ଭୁନାଥ ଗିରି, ଅଧ୍ୟାପିକା ପିନାକୀ ପଣ୍ଡା, ଅଧ୍ୟାପକ ଗୌରାଙ୍ଗ ପଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇ ଶିବିରର ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ଦେବସ୍ମିତା ଭୂୟାଁ କାଳୋପଯୋଗୀ ବ୍ୟବସ୍ଥାରେ ଶିବିରାର୍ଥୀଙ୍କୁ ଆତ୍ମରକ୍ଷା କୌଶଳ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ୭ଦିନ ବ୍ୟାପୀ ଶିବିରରେ ମାଷ୍ଟର ଟ୍ରେନର ଅନାମିକା ପ୍ରଧାନ, ଅନିତା ସାହୁ ଓ ଗୀତୁଶ୍ରୀ ରାଉତ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ତାଲିମ ଦେଇଥିଲେ। ଏହି ଅବସରରେ ଶିବିରାର୍ଥୀମାନଙ୍କୁ ଅଧ୍ୟକ୍ଷ ମାନପତ୍ର ପ୍ରଦାନ କରିଥିଲେ। ଅନ୍ୟତମ ସଂଯୋଜିକା ଅଧ୍ୟାପିକା ରଶ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଯୁକ୍ତ ୨ ପ୍ରଥମବର୍ଷର ଛାତ୍ରୀମାନେ ଶିବିରରେ ଅଂଶଗ୍ରହଣ କରିଥିଲେ।

# ତୁଡ଼ିଗଡ଼ିଆ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଖଇରା, ୧୮।୧ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତୁଡିଗଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ତୁଡିଗଡିଆ ସରକାରୀ ପ୍ରାଥମିକ ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ପିଲାମାନେ ସ୍ୱଚ୍ଛତା ଉପରେ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରାଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜନ ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷ ରଘୁନାଥ ଦାସ ଓ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ତୃପ୍ତିମୟୀ ସେନାପତି ଛାତ୍ରୀଛାତ୍ରମାନଙ୍କୁ ସ୍ୱଚ୍ଛତା ବାବଦରେ ଉପାଦେୟ ପରାମର୍ଶ ଦେଇଥିଲେ।




ସଫେଇ କାର୍ଯ୍ୟରେ ସାମିଲ ତୁଡିଗଡିଆ ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଛାତ୍ରୀଛାତ୍ର।

## ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

ସୋର, ୧୭।୧(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ଅଧୀନ ତଳନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହା ଜାନୁଆରୀ ୬ରୁ ଆରମ୍ଭ ହୋଇ ୧୬ ତାରିଖରେ ଶେଷ ହୋଇଯାଇଛି। ଶିବିରକୁ ବିଦ୍ୟାଳୟ ଅଧ୍ୟକ୍ଷ ସନ୍ତୋଷ କୁମାର ପୋଥାଳ ଉଦ୍‌ଘାଟନ କରିଥିଲେ। ଏହାକୁ କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ମୌସୁମୀ ସାହୁ ପରିଚାଳନା କରିଥିଲେ। ଏଥିରେ ମୋଟ ୧୫୮ ଜଣ ଛାତ୍ରୀ ଭାଗନେଇ ବିଭିନ୍ନ କୌଶଳରେ ତାଲିମ ନେଇଥିଲେ। ମାଷ୍ଟର ପ୍ରଶିକ୍ଷିକା ଭାବେ ଆଦ୍ୟାଶା ଦାସ ଓ ସ୍ୱର୍ଣ୍ଣମୟୀ ପଟ୍ଟନାୟକ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ପୁସ୍ତିକା ବଣ୍ଟନ କରାଯାଇଥିଲା। ଏଥିରେ ଅଧ୍ୟାପକ ମାନସ ଦାସ, ପ୍ରଶାନ୍ତ ମହାରଣା, ଭାରତ ରାଉତ, ରମେଶ ଚନ୍ଦ୍ର ସାହୁ, ରାମଚନ୍ଦ୍ର ଉପାଧ୍ୟାୟ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା

ବାଲେଶ୍ୱର, ୧୮।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ରିଜର୍ଭ ପୋଲିସ ପଡ଼ିଆରେ ଆୟୋଜିତ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା କୋଶମ୍‌-୨୦୨୫ର ଷଷ୍ଠ ଦିବସରେ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ ହୋଇଯାଇଛି। ଜିଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ କୃଷକ କର୍ମଶାଳାର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଗ୍ରାମୀଣ ଆର୍ଥିକ ବ୍ୟବସ୍ଥାର ଉନ୍ନତି ନିମନ୍ତେ କୃଷି ହିଁ ଏକମାତ୍ର ଆଧାର ବୋଲି କହିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ଲକ୍ଷ୍ମଣ ଚନ୍ଦ୍ର ମୁର୍ମୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୃଷି ନିର୍ବାହୀ ଯନ୍ତ୍ରୀ ଡ. ଆଲୋକ ଅଧିକାରୀ ଚାଷୀମାନଙ୍କୁ ଆଧୁନିକ କୃଷି ଯନ୍ତ୍ରପାତି ସମ୍ପର୍କରେ ଆଲୋକପାତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ନିରୋଧ କୁମାର ଜେନା କୃଷି କ୍ଷେତ୍ରରେ ବୈଜ୍ଞାନିକ ଜ୍ଞାନ କୌଶଳର ବ୍ୟବହାର ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ।

### ସରିଲା କୃଷକ କର୍ମଶାଳା

ସହକାରୀ କୃଷିଯନ୍ତ୍ରୀ ତନ୍ମୟିକା ଦାଶ ସଭା ପରିଚାଳନା କରିଥିଲେ। ମେଳାରେ ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ, ଶ୍ରୀ ଅନ୍ନ ଅଭିଯାନ ତରଫରୁ ବିଭିନ୍ନ ଷ୍ଟଲ୍ ସମେତ ମୋଟ୍ ୩୫ଟି ଯନ୍ତ୍ରପାତି ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନାୟକ ଷ୍ଟଲ୍‌ର ଡିଲର୍‌ମାନଙ୍କୁ ଅଂଶଗ୍ରହଣକାରୀ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା କୃଷି ଶିଳ୍ପ ନିଗମ ଜିଲା ପରିଚାଳକ ଆଶିଷ ସିଂହ, ସହକାରୀ କୃଷି ଯନ୍ତ୍ରୀ ସରୋଜ ଧଳ ଉପସ୍ଥିତ ଥିଲେ। ବାଲେଶ୍ୱର ମୃତ୍ତିକା ରସାୟନବିତ୍ ସମୁଚୟ ବେହେରା, ସହକାରୀ କୃଷି ଅଧିକାରୀ ଶୁଭାତ୍ମା ଭୂୟାଁ, କୃଷି ଅଧିଦର୍ଶକ କାର୍ତ୍ତିକ ଚନ୍ଦ୍ର ବେହେରା ଓ ଅଜୟ କୁମାର ଗୋଛାୟତ ପ୍ରମୁଖ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।



ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ କୃଷି ଅଧିକାରୀ ଓ ଷ୍ଟଲ୍‌ର ଡିଲର୍‌ମାନେ।

# ମୋରଡ଼ାରେ ପକ୍ଷୀ ଗଣନା

ମୋରଡା,୧୮।୧(ସ୍ମାରକ ମାଝୀ)



ପକ୍ଷୀ ଗଣନା କରାଯାଉଛି।

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଏବଂ ବେତନଟୀ ରେଞ୍ଜରେ ଥିବା ବିଭିନ୍ନ ଜଳାଶୟଗୁଡ଼ିକରେ ପକ୍ଷୀ ଗଣନା କରାଯାଇଛି। ରାସଗୋବିନ୍ଦପୁର ରେଞ୍ଜ ଅଧୀନ ମୋରଡ଼ା ବ୍ଲକର ରାଜା ବନ୍ଧ, ଘାଗରା ବନ୍ଧ, ଘୋଡାବନ୍ଧା ବନ୍ଧ ଏବଂ ରାସଗୋବିନ୍ଦପୁର ବ୍ଲକର ଗାଁ ଅମର୍ଦା ପୋଖରୀ, ରାସଗୋବିନ୍ଦପୁର ବନ୍ଧରେ ପକ୍ଷୀ ଗଣନା କରାଯାଇଛି। ଗଣନାବେଳେ ୧୫ ପ୍ରକାର ଦେଶୀ ଓ ବିଦେଶୀ ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ୨୦୫୫ଟି ଲେସର ହୁଇସଲିଙ୍ଗ ଡକ,୨୬ଟି ମାଛ ରଙ୍କା,୪୭ଟି ଲିଟିଲ ଗ୍ରୀବ, ୫୯ଟି ଧଳା ବଗ, ୩୩ଟି ପାଣି ବଗ, ୬ଟି ଗାର୍ଡ ୱାଲ, ୪ଟି କମନ ଟିଲ, ୩ଟି କମନ କୁଟ, ୩୫ଟି କଜଳ ପାତି, ୪୦ଟି ପାଣି କୁଆ, ୩୩ଟି ଦଳ ଖୁମ୍ପି ଡାହୁକ, ୩ଟି ପର୍ପଲ ସ୍ୱାମ୍ପ ହେନ, ୮ଟି କପ୍ତି ଏବଂ ୫୨ଟି କଟନ ପିଗମି ଗୁଜୁ ଥିବା ରେଞ୍ଜର ଘନଶ୍ୟାମ ସିଂ ସୂଚନା ଦେଇଛନ୍ତି। ପକ୍ଷୀ ଗଣନାରେ ରେଞ୍ଜର ସିଂଙ୍କ ସମେତ ଅଶୋକ କୁମାର ନାଏକ, ରୁବିତା ଭୂୟାଁ, ନମିତା ସେଠୀ, ଛତିଶଚନ୍ଦ୍ର ମହାନ୍ତ ପ୍ରମୁଖ ସାମିଲ ଥିଲେ। ସେହିପରି ବେତନଟୀ ରେଞ୍ଜର ବଡ଼ଯୋଡା, ବଡ଼ଦେଉଳିଆ, ସାରିଆ, ଆମ୍ବଯୋଡ଼ା ପ୍ରମୁଖ ଜଳାଶୟରେ ଏସିଏଫ ରବିନାରାୟଣ ମହାନ୍ତି, ରେଞ୍ଜର ମନୱାର ଖାଁଙ୍କ ତତ୍ତ୍ୱାବଧାନରେ ପକ୍ଷୀ ଗଣନା କରାଯାଇଛି। ଗଣନାରେ ଫରେଷ୍ଟର ଦୀପକ ପାତ୍ର, ଚିନ୍ତାମଣି ମହାପାତ୍ର, ପ୍ରଶାନ୍ତ କୁମାର ସିଂ ସାମନ୍ତ,ଫରେଷ୍ଟ ଗାର୍ଡ ବିଜୟ ଦାସ, ଶୁଭାଶିଷ ସାହୁ,ସସ୍ମିତା ପତି ପ୍ରମୁଖ ସାମିଲ ଥିଲେ।

# ଛାତ୍ରୀ ଅତ୍ମରକ୍ଷା ତାଲିମ ଶିବିର



ଛାତ୍ରୀମାନେ ଆତ୍ମରକ୍ଷାର ବିଭିନ୍ନ କୌଶଳ ଉପରେ ପ୍ରଶିକ୍ଷଣ ନେଉଛନ୍ତି।

ଖଇରା,୧୮।୧ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଗଜେନ୍ଦ୍ର ପ୍ରସାଦ ସେନାପତି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦ୍‌ଘାଟନ କରିଥିଲେ। ସଂଯୋଜକ ଭାବେ ରୁଦ୍ର କୁମାର କର ଏବଂ ସହ ସଂଯୋଜକ ଭାବେ ବସନ୍ତ କୁମାର ବାରିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ବିଜୟ କୁମାର ବେହେରା, କୃଷ୍ଣଚନ୍ଦ୍ର ବଳ ଓ ରାମଚନ୍ଦ୍ର ପାଢୀ ପ୍ରମୁଖ ଆତ୍ମରକ୍ଷା ତାଲିମ ଶିବିର ଆୟୋଜନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଶିକ୍ଷିକା ଭାବେ ଅର୍ଚ୍ଚନା ଜେନା ଓ ପ୍ରଣମିତା ଶୁକ୍ଳ ଅଂଶ ଗ୍ରହଣ କରିଥିବା ୨୦୫ଜଣ ଛାତ୍ରୀଙ୍କୁ ବିଭିନ୍ନ କୌଶଳ ଶିଖାଇଥିଲେ। ଏହି ଶିବିର ୮ଦିନ ଧରି ଚାଲିବାର କାର୍ଯ୍ୟକ୍ରମ ଅଛି।

# ବେଆଇନ କାଠ ବୋଝେଇ ଟ୍ରାକ୍ଟର ଜବତ

ଲଙ୍ଗଳେଶ୍ୱର, ୧୮।୧ (କମଳାକାନ୍ତ ଦାସ)



ଜବତ କାଠ ବୋଝେଇ ଟ୍ରାକ୍ଟର।

ବାଲିଆପାଳ ଥାନା ଜାମକୁଣ୍ଡା ଛକ ନିକଟରୁ ଏକ ଟ୍ରାକ୍ଟରରେ ବେଆଇନ ଭାବେ କାଠ ବୋଝେଇ ହୋଇଯାଉଥିବା ବେଳେ ଲଙ୍ଗଳେଶ୍ୱର ବନବିଭାଗ ଟିମ୍ କୌଣସି ସୂତ୍ରରୁ ଖବରପାଇ ଚଡାଉ କରିଥିଲେ। ଘଟଣାସ୍ଥଳରୁ ଟ୍ରାକ୍ଟର ଡ୍ରାଇଭର ଗାଡ଼ି ଛାଡ଼ି ଖସି ପଳାଇବାକୁ ସକ୍ଷମ ହୋଇଥିବା ବେଳେ ବନବିଭାଗର କର୍ମଚାରୀମାନେ ଟ୍ରାକ୍ଟର ସମେତ ୨୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ କାଠ ଜବତ କରି ଲଙ୍ଗଳେଶ୍ୱର ଫରେଷ୍ଟ ଅଫିସ୍‌କୁ ଆଣି ଅଧିକ ତଦନ୍ତ କରୁଛନ୍ତି। ଚଡାଉରେ ଲଙ୍ଗଳେଶ୍ୱର ଫରେଷ୍ଟର ମନୋଜ କୁମାର ଧଡ଼ା, ସାଗରିକା ସିଂ, ରାମେଶ୍ୱର ମୁର୍ମୁ ଓ ମୀନତି ମାଝୀ ପ୍ରମୁଖ ସାମିଲ ହୋଇଥିଲେ।

# ଗାଁକୁ ସୁରକ୍ଷା ଦାବିରେ ରାସ୍ତାରୋକୋ

ନୀଳଗିରି,୧୮।୧(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ତହସିଲ ଅଧୀନ କାଠପାଳ ଗ୍ରାମ ସୋନ ନଦୀ ଅବବାହିକାରେ ଥିବା ବାଲି ସଇରାତ୍ ଅଞ୍ଚଳରେ ଚୋରାଚାଲାଣକାରୀମାନେ ଦୈନନ୍ଦିନ ଶହ ଶହ ଟ୍ରିପ ବାଲି ଚୋରାଚାଲାଣ କରୁଛନ୍ତି। କାଠପାଳ ଅଞ୍ଚଳରେ ଚୋରାଚାଲାଣକାରୀମାନେ ନଦୀ ମଝିରେ ବେଆଇନ ଭାବେ ରାସ୍ତା ନିର୍ମାଣ କରିଛନ୍ତି। ଏଭଳି ବେଆଇନ କାର୍ଯ୍ୟ ନେଇ ଖଣିଜ ବିଭାଗ, ପ୍ରଶାସନ, ପୋଲିସ ନୀରବଦ୍ରଷ୍ଟା ସାଜିଥିବା ବେଳେ ନଦୀ ଉପରେ ବେଆଇନ ରାସ୍ତା ଏ ପର୍ଯ୍ୟନ୍ତ ହଟିପାରିନାହିଁ।

ଶେଷରେ କାଠପାଳ ଅଞ୍ଚଳବାସୀ ଗାଁ ସୁରକ୍ଷା ଓ ନଦୀ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଥିଲେ। ଶନିବାର ସକାଳଠାରୁ ବାଲେଶ୍ୱର ମିତ୍ରପୁର ଉଦଳା ମୁଖ୍ୟରାସ୍ତାକୁ ଅବରୋଧ କରି କାଠପାଳ ଛକରେ ଶତାଧିକ ଗ୍ରାମବାସୀ ରାସ୍ତାରୋକୋ କରି ପ୍ରତିବାଦ କରିଥିଲେ। ତେବେ ପ୍ରାୟ ୨ ଘଣ୍ଟା ପରେ ତହସିଲଦାର, ପୋଲିସ ଓ ଜିଲା ମାଇନିଂ ଅଧିକାରୀ ଘଟଣାସ୍ଥଳକୁ ଆସି ରାସ୍ତା ଅବରୋଧକାରୀଙ୍କ ସହିତ କଥା ହେବା ପରେ ସୋନ ନଦୀ ଭିତରେ ବାଲି ଚାଲାଣକାରୀମାନେ ବେଆଇନ ଭାବେ ତିଆରି କରିଥିବା ରାସ୍ତା ଓ ପୋଲକୁ ତାଡ଼ି ମାଟିରେ ମିଶାଇ ଦେଇଛନ୍ତି। ଚୋରା ବାଲି ଚାଲାଣ ଅଞ୍ଚଳରେ ରବିବାରଠାରୁ ୧୪୪ ଧାରା ଲାଗୁ କରାଯିବ ବୋଲି ତହସିଲଦାର ସୋନମ ଦାସ ପ୍ରତିଶ୍ରୁତି ଦେଇଛନ୍ତି। ରାସ୍ତାରୋକୋ ସ୍ଥଳୀରେ ନୀଳଗିରି ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ, ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ, ମାଇନିଂ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ୨ ଅପେରା କର୍ମଚାରୀ ଗୁରୁତର

ଠାକୁରମୁଣ୍ଡା,୧୮।୧(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଯଶିପୁର ନିକଟ ମଣଦାଠାରେ ଯାତ୍ରା ପରିବେଷଣ କରୁଥିବା କେନ୍ଦ୍ରାପଡ଼ା ଅଞ୍ଚଳର ରଙ୍ଗ ତରଙ୍ଗ ଅପେରା ପାର୍ଟିର ୨ କର୍ମଚାରୀ କାର୍ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ଶନିବାର ଆସିଷ୍ଟାଣ୍ଟ ମ୍ୟାନେଜର ଓ ଅନ୍ୟ ଜଣେ କର୍ମଚାରୀ ଏକ କାର ଯୋଗେ ମଣଦାରୁ କେନ୍ଦ୍ରାପଡାର ନିଜ ଗ୍ରାମକୁ ଯାଉଥିବା ବେଳେ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ୫୩ନଂ. ରାଜ୍ୟ ରାଜପଥ ଠାକୁରମୁଣ୍ଡା- କରଞ୍ଜିଆ ରାସ୍ତାର ଠାକୁରମୁଣ୍ଡା ନିକଟ ଜୁଆଳିକଟା ନିକଟରେ କାର ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡ଼ିଥିଲା। ଠାକୁରମୁଣ୍ଡା ପୋଲିସ ୨ କର୍ମଚାରୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଆହତ ଆସିଷ୍ଟାଣ୍ଟ ମ୍ୟାନେଜର ଗୋପୀନାଥ ସାହୁଙ୍କ ଘର ପଟ୍ଟାମୁଣ୍ଡାଇ ଥାନା ଅଧୀନ ବାଲିଆ ଗ୍ରାମରେ ଓ ଅନ୍ୟତମ କର୍ମଚାରୀ ପ୍ରଦୀପ ନାଏକଙ୍କ ଘର ପାଟକୁରା ଥାନା ପେଣ୍ଠଘର ଅଞ୍ଚଳରେ।

# ଖଣ୍ଡିହୁଡ଼ି ମା' ତାରିଣୀ ପୀଠ ଉତ୍ସବମୁଖର

ଉଦଳା,୧୮।୧ (ସନ୍ତୋଷ କୁମାର ବାଛିନୀ)

ଉଦଳା ବ୍ଲକ ଅଧୀନ କଅଁରପାଳ ଖଣ୍ଡିହୁଡ଼ି ମାଡ଼ ତାରିଣୀଙ୍କ ପୀଠରେ ଚତୁର୍ଦ୍ଦଶ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହେଉଛି। ତ୍ରିଦିବସୀୟ ଏହି ବାର୍ଷିକ ଉତ୍ସବ ନିମନ୍ତେ ତାରିଣୀଙ୍କ ପୀଠ ଉତ୍ସବ ମୁଖର ହୋଇପଡ଼ିଛି। ଏନେଇ ଶୁକ୍ରବାର ମନ୍ଦିର ନିକଟରେ ଥିବା ଦେଓ ନଦୀରୁ ଘଟୋତ୍ତଳନ କରାଯାଇଥିଲା। ଶତାଧିକ ମହିଳା ଶ୍ରଦ୍ଧାଳୁ ଘଟ ଶୋଭାଯାତ୍ରାରେ ଆସି ପୀଠରେ ଥିବା ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ଏହା ପରେ ଯଜ୍ଞ କର୍ମ ଆରମ୍ଭ ହୋଇଥିଲା। ସେହିଭଳି ଦ୍ୱିତୀୟ ଦିବସ ଶନିବାର ସକାଳେ ସୂର୍ଯ୍ୟ ପୂଜା ଓ ମା' ଙ୍କର ଷୋଡଶ ଉପଚାର ପୂଜା ସମ୍ପନ୍ନ ପରେ ମନ୍ଦିରର ଧ୍ୱଜା ସ୍ଥାପନ ସହିତ ଯଜ୍ଞ ଆରମ୍ଭ ହୋଇଥିଲା। ମନ୍ଦିର ପରିସରରେ ନାମ ସଂକୀର୍ତ୍ତନ ସହିତ ହଜାର ହଜାର ଶ୍ରଦ୍ଧାଳୁ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟା ଆଳତି ପରେ ମନ୍ଦିର ପ୍ରାଙ୍ଗଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିନେଇ ବିଭିନ୍ନ ଦୋକାନ ବଜାର, ମିନା ବଜାର ଓ ମେଳା ଶ୍ରଦ୍ଧାଳୁମାନଙ୍କୁ ବେଶ ଆକୃଷ୍ଟ କରିଛି। ବିଧାୟକ ଭାସ୍କର ମଢେଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଟ୍ରଷ୍ଟ ବୋର୍ଡର ଚେୟାରମ୍ୟାନ ଶ୍ରୀବତ୍ସ କଳିଆ, ସରୋଜ କୁମାର ସାମଲ, ନରେନ୍ଦ୍ର ସାହୁ, ପରିଚାଳନା କମିଟି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ, ହରିଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବରେ ସହଯୋଗ କରିଥିଲେ।

### ଚତୁର୍ଦ୍ଦଶ ବାର୍ଷିକ ମହୋତ୍ସବ

